

যা দেবী সর্বভূতেষু............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୪ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 May 2024

Vol.No. 35 ■ No.138 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଜ୍ୟରେ ତୃତୀୟ ପର୍ଯ୍ୟାୟ ପ୍ରଚାର ଶେଷ

## ଶନିବାର ୪୪୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୯୪.୪୮ ଲକ୍ଷ ଭୋଟର

ଭୁବନେଶ୍ୱର, ୨୩/୫ (ନି.ପ୍ର): ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ପ୍ରଚାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ରାଜ୍ୟର ୬ଟି ଲୋକସଭା ଓ ଏହା ଅନ୍ତର୍ଗତ ୪୨ଟି ବିଧାନସଭାର ୯୪ଲକ୍ଷ ୪୮ହଜାର ୫୫୩ଜଣ ଭୋଟର ମୋଟ ୪୪୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଶନିବାର ତୃତୀୟ ପର୍ଯ୍ୟାୟ ମତଦାନ ହେବ ଓ ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ୧୨୧ କମ୍ପାନୀ କେନ୍ଦ୍ରୀୟ ଫୋର୍ସକୁ ମୁତୟନ କରାଯାଇଛି। ରାଜ୍ୟ ପୁଲିସ ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିବେ। ଆଜି ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ



ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି ଯେ, ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୨୫ତାରିଖରେ ଭୁବନେଶ୍ୱର ସମେତ ପୁରୀ, କଟକ, ଢେଙ୍କାନାଳ, କେନ୍ଦୁଝର ଓ ସମ୍ବଲପୁର ଲୋକସଭା ଆସନ ଓ ଏହା ଅନ୍ତର୍ଗତ ସମସ୍ତ ୪୨ଟି ବିଧାନସଭା ଆସନରେ ଭୋଟଗ୍ରହଣ ହେବ। ଏହି ୬ଟି ସଂସଦୀୟ କ୍ଷେତ୍ରରେ ୯ଜଣ ମହିଳାଙ୍କ ସମେତ ମୋଟ୍ ୬୪ଜଣ ସାଂସଦ ପ୍ରାର୍ଥୀ ଏବଂ ୪୨ଟି ବିଧାନସଭା ଆସନରେ ୪୪ଜଣ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୩୮୩ଜଣ ପୁରୁଷ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ଏହି ସମସ୍ତ ସଂସଦୀୟ କ୍ଷେତ୍ରରେ ମୋଟ ୯୪.୪୮ଲକ୍ଷ ଭୋଟର ଅଛନ୍ତି ଓ ସେମାନଙ୍କ ମଧ୍ୟରେ ୪୮.୨୯ଲକ୍ଷ ପୁରୁଷ ଓ ୪୬.୧୭ଲକ୍ଷ ମହିଳା ଭୋଟର ଏବଂ ୧୨୯୧ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଏହି ଭୋଟରଙ୍କ ମଧ୍ୟରେ ୨୦ରୁ୨୯ବର୍ଷ ବୟସ ମଧ୍ୟରେ ୧୮.୪୫ଲକ୍ଷ ଭୋଟର ଅଛନ୍ତି। ଏହାବ୍ୟତୀତ ୧୮-୧୯ବର୍ଷ ବୟସର ୨.୩୭ଲକ୍ଷ ଭୋଟର ପ୍ରଥମଥର ପାଇଁ ନିଜର ମତାଧିକାର ସାବ୍ୟସ୍ତ କରିବେ। ଏହି ପର୍ଯ୍ୟାୟରେ ମୋଟ ୧୦,୫୧୫ଟି ମତଦାନ କେନ୍ଦ୍ର ଓ ୩୬ଟି ▶▶ପୃଷ୍ଠା ୭

## ଦିଲ୍ଲୀ ସରକାର ଜନତାଙ୍କ ତିଜୋରୀ ଲୁଟିଛି- ସ୍ମୃତି ଇରାନୀ

ନୂଆଦିଲ୍ଲୀ, ୨୩/୫ (ନି.ପ୍ର): ଦିଲ୍ଲୀ ସରକାରରେ ମନ୍ତ୍ରୀ ଥିବା ମନୀଷ ସିସୋଦିୟାଙ୍କ ଉପରେ କୋର୍ଟଙ୍କ ନିଷ୍ପତିକୁ ନେଇ ଆମ ଆଦମୀ ପାର୍ଟି (ଆପ୍) କୁ ଟାର୍ଗେଟ୍ କରିଛି ଭାରତୀୟ ଜନତା ପାର୍ଟି (ଭାଜପା) । ଭାଜପା ପକ୍ଷରୁ କୁହାଯାଇଛି ଯେ, ବୁଧବାର କୋର୍ଟ ମଧ କେଜରିଓ୍ୱାଲ ସରକାର ଏବଂ ମୁଖ୍ୟ ଅଭିଯୁକ୍ତ ମନୀଷ ସିସୋଦିୟାଙ୍କ ବିରୋଧରେ ଭ୍ରଷ୍ଟାଚାରର ମାମଲାକୁ ସ୍ୱୀକାର କରିଛନ୍ତି । କୋର୍ଟଙ୍କ ନିଷ୍ପତି ଅନୁସାରେ ଦିଲ୍ଲୀ ସରକାରରେ ୧୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି । ଆପ୍ ସେବା ବାହାନାରେ ଶାସନ କ୍ଷମତାକୁ କବ୍ଜା କରିଛି ଏବଂ ଜନତାଙ୍କ ତିଜୋରୀ ଲୁଟିଛି । ଗୁରୁବାର ଭାଜପା ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାଜପା ନେତ୍ରୀ ତଥା କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ ▶▶ପୃଷ୍ଠା ୭

## ୨୬ ଓ ୨୭ ତାରିଖରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା !



ଭୁବନେଶ୍ୱର, ୨୩/୫ (ନି.ପ୍ର): ବାତ୍ୟା ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୬ ଓ ୨୭ ତାରିଖରେ କେତେ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ସୁଦୃଶ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି ଲଘୁଚାପ କ୍ଷେତ୍ର। ଆସନ୍ତାକାଲି ଅର୍ଥାତ ୨୪ ତାରିଖ ସକାଳ ସୁଦ୍ଧା ଏହା ଅଧିକ ଘନୀଭୂତ ହୋଇ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ ରୂପ ନେବ। ତା'ପରେ ଉତ୍ତର-ପୂର୍ବ ଦିଗକୁ ଗତି କରିବ। ୨୫ ତାରିଖ ସକାଳ ସୁଦ୍ଧା ଏହା ବାତ୍ୟାରେ ପରିଣତ ହେବ। ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ୨୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ତେବେ ଏହାର ପ୍ରଭାବ ଓଡ଼ିଶା ଉପରେ ସିଧା ସଳଖ ରହିବ ନାହିଁ ବୋଲି କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି। ▶▶ପୃଷ୍ଠା ୭

## ଜମି ଓ ଖଣି ଲୁଟ୍ ପରେ ମାଫିଆଙ୍କ ଆଖି ପ୍ରଭୁ ଜଗନ୍ନାଥଙ୍କ ସମ୍ପତ୍ତି ଉପରେ ପଡ଼ିଛି: ଯୋଗୀ ଆଦିତ୍ୟନାଥ



ବାଣପୁର, ୨୩/୫ (ନି.ପ୍ର): ମହାପ୍ରଭୁ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜାଇ ଦେଲେଣି। ଜମି ଓ ଖଣି ଲୁଟ ପରେ ମାଫିଆମାନେ ପ୍ରଭୁ ଜଗନ୍ନାଥଙ୍କ ସମ୍ପତି ଉପରେ ଆଖି ପକାଇଲେଣି। ପ୍ରଭୁ ଜଗନ୍ନାଥ ଓଡ଼ିଶାରେ ଲ୍ୟାଣ୍ଡ, ସ୍ୟାଣ୍ଡ, ମାଇନିଂ ଓ ଗୋ ମାଫିଆଙ୍କୁ ସାବାଡ଼ ପାଇଁ ଶକ୍ତି ଦିଅନ୍ତୁ। ଚିଲିକାର ବାଣପୁର ସଭାରେ ନବୀନ ସରକାରକୁ ଏପରି ଶାଣିତ ଢଙ୍ଗରେ ଆକ୍ରମଣ କରିଛନ୍ତି ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ସେ କହିଛନ୍ତି, ଉତ୍ତର ପ୍ରଦେଶର ବୁଲ୍‌ଡୋଜର ପରି ଓଡ଼ିଶାରେ ବି ଲ୍ୟାଣ୍ଡ, ସ୍ୟାଣ୍ଡ, ମାଇନିଂ ଓ ଗୋ ମାଫିଆଙ୍କୁ ସାବାଡ଼ କରାଯିବ। ଏହା ମୋଦିଙ୍କ ଭାରତ, ଯିଏ ବଦମାସୀ କରିବ ସାବାଡ଼ କରାଯିବ। ଯୋଗୀ କହିଛନ୍ତି, ଓଡ଼ିଶାରେ ନବୀନ ସରକାର ବାବୁମାନଙ୍କ ଘେରାବନ୍ଦୀରେ ରହିଛି। ଓଡ଼ିଶାରେ ବାବୁମାନଙ୍କ ସରକାର ଚାଲିଛି। ଯେଉଁଠି ବାବୁରାଜ ଚାଲେ ସେଠି ଲୋକ ଉତ୍ପୀଡ଼ିତ ହୁଅନ୍ତି। ଜନ ପ୍ରତିନିଧିମାନଙ୍କ ଦ୍ୱାରା ହିଁ ଶାସନ ଚାଲିବା ଦରକାର। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅପମାନ କଲା ଭଳି କାମ ଚାଲିଛି। ▶▶ପୃଷ୍ଠା ୭

## ରାଜ୍ୟର ସମସ୍ତ ୨୧ ଲୋକସଭା ଆସନ ବିଜେପିକୁ ଦେବାକୁ ଓଡ଼ିଶାବାସୀଙ୍କ ନିଷ୍ପତ୍ତି: ନଡ୍ଡା



କରଞ୍ଜିଆ, ୨୩/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା କରଞ୍ଜିଆରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ପ୍ରଚାର କରିଛନ୍ତି। ରାଜ୍ୟର ସମସ୍ତ ୨୧ ଲୋକସଭା ଆସନ ବିଜେପିକୁ ଦେବାକୁ ଓଡ଼ିଶାବାସୀ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଶ୍ରାମ ଦେଇ ବିଜେପି ସରକାର ଓଡ଼ିଶାରେ ଗଠନ କରିବାକୁ ଓଡ଼ିଶାବାସୀ ନିଷ୍ପତ୍ତି ମଧ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୦ ବର୍ଷର ସରକାରରେ ରାଜନୀତିର ପରିଭାଷା ବଦଳିଛି । ଏବେ ସାଧାରଣ ଲୋକ ମୋଦୀଙ୍କ ନେତୃତ୍ୱରେ ବିକଶିତ ଭାରତ ଗଢିବାକୁ ଆଶା ପୋଷଣ କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଯେବେଠୁ ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ପ୍ରୟାସ ସ୍ଲୋଗାନ ଦେଇଛନ୍ତି ସେବେଠୁ ବିକାଶମୂଳକ ରାଜନୀତି ଆରମ୍ଭ ହୋଇଛି । ପୂର୍ବରୁ ଆଦିବାସୀ ଲୋକଙ୍କୁ ଭୋଟବ୍ୟାଙ୍କ ଭାବେ ବ୍ୟବହାର କରାଯାଉଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀ ଆଦିବାସୀଙ୍କ ▶▶ପୃଷ୍ଠା ୭

## ଛୁରୀ ଦେଖାଇ ୪ ଲକ୍ଷ ଲୁଟିନେଲେ

ବଲାଙ୍ଗୀର, ୨୩/୫ (ନି.ପ୍ର): ଛୁରୀ ଦେଖାଇ ୪ ଲକ୍ଷ ଲୁଟିନେଲେ ଦୁର୍ବୃତ୍ତ। ଏଭଳି ଘଟଣା ଘଟିଛି ବଲାଙ୍ଗୀର ଜିଲ୍ଲା ସିନ୍ଧେକେଲା ଥାନା ପୁଟୁଲାତଲେଇ ନାଲ ନିକଟରେ। ପୁଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ ପୁତୁଲାତଲେଇ ଗାଁର ଜଗବନ୍ଧୁ ଘିବେଲା ଆଜି ଚାନ୍ଦୋତରା ଷ୍ଟେଟ ବ୍ୟାଙ୍କରୁ ୪ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଠିକ ସେଇ ସମୟରେ ସିନ୍ଧେକେଲା ପୁତୁଲାତଲେଇ କେନାଲ ନିକଟରେ ବାଇକରେ ଆସି ୩ ଜଣ ଲୁଟେରା ଜଗବନ୍ଧୁ ଘିବେଲାଙ୍କ ଗାଡିକୁ ଧକ୍କା ଦେଇଥିଲେ। ଗାଡିଟିକୁ ଧକ୍କାଦେବା ଫଳରେ ଚାଳକ ବାଇକରୁ ତଳକୁ ଖସିପଡ଼ିଥିଲେ। ତାପରେ ପେଟରେ ଛୁରୀ ଲଗାଇ ଦୁର୍ବୃର୍ତ୍ତ ଡ଼ିକିଖୋଲି ନଗଦ ୪ ଲକ୍ଷ ଟଙ୍କା ଲୁଟିନେଇ ଫେରାର ମାରିଥିବା ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଥିବା ଜଗବନ୍ଧୁ ଘିବେଲା ସିନ୍ଧେକେଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ତଦନ୍ତ ଜାରି ରଖିଛି ପୁଲିସ।

## ବିଜେପିରେ ସାମିଲ ହେଲେ ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ର

ଭୁବନେଶ୍ୱର, ୨୩/୫ (ନି.ପ୍ର): ବିଜେପିରେ ସାମିଲ୍ ହେଲେ ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ର। ଖାଲି ସାମିଲ୍ ହୋଇନାହାନ୍ତି, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ପ୍ରଶାନ୍ତ ଜଗଦ୍ଦେବଙ୍କ ପାଇଁ ପ୍ରଚାର କରିଛନ୍ତି। ଗୋଶାଳା ପଡ଼ିଆରୁ ବାହାରିଥିବା ବିରାଟ୍ ରୋଡ୍ ଶୋ'ରେ ସେ ସାମିଲ୍ ହୋଇ ଅପରାଜିତା ଓ ପ୍ରଶାନ୍ତ ଜଗଦ୍ଦେବଙ୍କ ପାଇଁ ଭୋଟ୍ ମାଗିଛନ୍ତି। ବିଜେପିରେ ମିଶିବା



ପରେ ସେ କହିଛନ୍ତି, ବିଜେପି ବିପୁଳ ଜନସମର୍ଥନ ପାଉଛି। ଆଉ ଓଡ଼ିଶାର ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ସେହି ପରିବର୍ତ୍ତନ ନାରାରେ ମୁଁ ସାମିଲ୍ ହୋଇଛି। ବିଜେପି ଏକମାତ୍ର ▶▶ପୃଷ୍ଠା ୭

## କନ୍ଧମାଳ ନିର୍ବାଚନ ମଣ୍ଡଳୀର ୨ଟି ବୁଥରେ ଚାଲିଛି ସାନି ମତଦାନ

କନ୍ଧମାଳ, ୨୩/୫ (ନି.ପ୍ର): କନ୍ଧମାଳ ଜିଲ୍ଲା କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ ନମ୍ବର ୨୬ ଓ ୨୮ରେ ସାନି ମତଦାନ ଚାଲିଛି। ସକାଳ ୭ଟାରୁ ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଛି ଭୋଟିଂ। ଅପରାହ୍ନ ୪ଟା ଯାଏ ମତଦାନ ଚାଲିବ। ଦୁଇଟି ବୁଥରେ ନିର୍ବାଚନ ପରିଚାଳନା ପାଇଁ ନିୟୋଜିତ ହୋଇଛନ୍ତି ୪ଜଣ ମାଜିଷ୍ଟ୍ରେଟ। ବ୍ୟାପକ ପୁଲିସ ମଧ୍ୟ ଫୋର୍ସ ମୃତୟନ ହୋଇଛନ୍ତି।



କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ଦୁଇଟି ବୁଥ୍‌ରେ ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କୁହାଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବା ବେଳେ ପୁନଃ ମତଦାନ ପାଇଁ ଦାବି କରିଥିଲେ ବିଜେପି ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ। ଏପରିକି ପୁଲିସ-ଜନତା ଖଣ୍ଡଯୁଦ୍ଧ ହୋଇଥିଲା ଏବଂ ସ୍ଥିତି ନିୟନ୍ତ୍ରଣ ସୂଚନାଯୋଗ୍ୟ, ୨୦ତାରିଖରେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ମତଦାନ ହୋଇଥିଲା। ତେବେ ଏହି ଦୁଇ ବୁଥରେ ମତଦାନକୁ ନେଇ ଅଭିଯୋଗ ହେବାପରେ ନିର୍ବାଚନ କମିଶନ ଅନୁରୂପ ନିଷ୍ପତ୍ତି ନେଇଛନ୍ତି।

## ଅଜଣା ମହିଳାଙ୍କ ମୃତ ଦେହ ଉଦ୍ଧାର

ଗଞ୍ଜାମ, ୨୩/୫ (ନି.ପ୍ର): ଗଞ୍ଜାମଜିଲ୍ଲା ଦିଗପହଣ୍ଡି ଥାନା କୁଶପଡ଼ା ଗାଁରେ ଅଜଣା ମହିଳାଙ୍କ ଗଳିତ ମୃତ ଦେହ ଉଦ୍ଧାର। ଆଜି ସକାଳ ସମୟରେ କୁଶପଡ଼ା ଇଟା ଭାଟି ନିକଟ ରାସ୍ତାରେ ଦୁର୍ଗନ୍ଧ ହୋଇଥିଲା। ଫଳରେ ସ୍ଥାନୀୟ ଲୋକେ ସେଇ ଭଙ୍ଗା କୋଠରୀ ନିକଟକୁ ଯାଇଥିଲେ। ସେଠାରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ପୁଲିସକୁ ଖବର ଦେଇ ଥିଲେ ସ୍ଥାନୀୟ ଲୋକେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ହେଲେ ତଦନ୍ତ ବେଳେ ମୃତଦେହର ପରିଚୟ ପାଇନଥିଲା ପୁଲିସ। ତେବେ ଏହି ମହିଳା ଜଣଙ୍କ କିଏ, ଏଠାକୁ କିଭଳି ଆସିଲେ, ପୁଲିସ ଏହି ଘଟଣାର ଅଧିକ ଖୋଳ ତାଡ଼ କରୁଛି। ହେଲେ ମୃତଦେହ ପଡ଼ିଥବା ପାରି ପାର୍ଶ୍ୱିକ ସ୍ଥିତିରୁ ମହିଳାଙ୍କୁ କିଏ ହତ୍ୟା କରିଛି ବୋଲି ସନ୍ଦେହ କରୁଛି ପୁଲିସ। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ସନ୍ଧାନି କୁକୁର ପହଞ୍ଚି ଅଧିକ ତଦନ୍ତ କରୁଛନ୍ତି।

## ଏନ୍‌କାଉଣ୍ଟରରେ ଟଳିଲେ ୭ ନକ୍ସଲ

ଛତିଶଗଡ଼ର, ୨୩/୫ : ଛତିଶଗଡ଼ର ନାରାୟଣପୁର ଓ ବିଜାପୁର ଜିଲ୍ଲା ସୀମାରେ ଗୁରୁବାର ସୁରକ୍ଷାକର୍ମୀଙ୍କ ଏନ୍ ?କାଉଣ୍ଟରରେ ୭ ଜଣ ନକ୍ସଲ ନିହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି। ସୁରକ୍ଷାକର୍ମୀମାନେ ନାରାୟଣପୁର, ଦାନ୍ତେୱାଡା ଓ ବିଜାପୁର ସୀମାରେ କମ୍ବିଂ ଅପରେସନ କରୁଥିବା ବେଳେ ନକ୍ସଲଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ନାରାୟଣପୁର ଏସ୍ ?ପି ପ୍ରଭାତ କୁମାରଙ୍କ ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ ତିନି ଜିଲ୍ଲାର ସୀମାରେ ନକ୍ସଲମାନେ ଏକ ବଡ଼ ଧରଣର ବୈଠକ କରୁଛନ୍ତି। ଏହା ପରେ ତୁରନ୍ତ ଜିଲ୍ଲା ପୁଲିସ, ଡିଆରଜି ଓ ସିଆରପିଏଫ ଯବାନ ସେଠାରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଆଜି ସକାଳେ ପୁଲିସ୍ ଓ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଦିନ ଗୋଟାଏ ପର୍ଯ୍ୟନ୍ତ କିଛି ସମୟ ବ୍ୟବଧାନରେ ଗୁଳି ଫୁଟିବା ଶବ୍ଦ ଶୁଣିବାକୁ ମିଳୁଥିଲା। ପରେ ଯବାନମାନେ ସର୍ଚ୍ଚ ଅପରେସନ କରିଥିଲେ। ସେତେବେଳେ ୭ ଜଣ ନକ୍ସଲର ମୃତଦେହ ମିଳିଥିଲା। ଘଟଣାସ୍ଥଳରୁ ୫ଟି ବନ୍ଧୁକ ସହ ବିପୁଳ ପରିମାଣର ନକ୍ସଲ ସାମଗ୍ରୀ ଜବତ



କରାଯାଇଛି। ଏହା ପୂର୍ବରୁ ମେ' ୧୦ ତାରିଖରେ ବିଜାପୁରରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୧୨ ଜଣ ନକ୍ସଲ ନିହତ ହୋଇଥିଲେ। ସେହିପରି ଗତ ଏପ୍ରିଲ ୧୬ ତାରିଖରେ ଛତିଶଗଡ଼ର ବସ୍ତର ଅଞ୍ଚଳର କଙ୍କେରରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨୯ ଜଣ ନକ୍ସଲ ନିହତ ହୋଇଥିଲେ। ଗତ ଦୁଇ ତିନି ମାସ ମଧ୍ୟରେ ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ପ୍ରାୟ ୧୧୦ ଜଣ ନକ୍ସଲ ନିହତ ହୋଇଛନ୍ତି।

## କେମିକାଲ ଫ୍ୟାକ୍ଟ୍ରୀରେ ବିସ୍ଫୋରଣ: ୬ ମୃତ, ୨୫ରୁ ଅଧିକ ଆହତ

ମହାରାଷ୍ଟ୍ର, ୨୩/୫ (ନି.ପ୍ର): ମହାରାଷ୍ଟ୍ରର ଠାଣେ ଜିଲ୍ଲାର ଡୋମ୍ବିଓ୍ୱଲିରେ ଗୁରୁବାର ଏକ କେମିକାଲ ଫ୍ୟାକ୍ଟ୍ରୀରେ ବିସ୍ଫୋରଣ ପରେ ନିଆଁ ଲାଗିଯିବାରୁ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ରୁ ଅଧିକ ଆହତ ହୋଇଛନ୍ତି। ଆହୁରି ଅନେକ ଲୋକ ଫସି ରହିଥିବା ସନ୍ଦେହ କରାଯାଉଛି। ତେଣୁ ମୃତାହତଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଫ୍ୟାକ୍ଟ୍ରୀରେ ଆଜି ଅପରାହ୍ନ ପ୍ରାୟ



ଗୋଟାଏ ବେଳେ ଏହି ଘଟଣା ଘଟିଥିଲା। ଫ୍ୟାକ୍ଟ୍ରୀର ଏକ ବଏଲରରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ପରେ ଫ୍ୟାକ୍ଟ୍ରୀରେ ନିଆଁ ଲାଗି ଯାଇଥିଲା। ତା' ସହିତ ପାର୍କିଂରେ ଥିବା ଗାଡ଼ିଗୁଡ଼ିକରେ ମଧ ନିଆଁ ଲାଗି ଯାଇଥିଲା। ସେହିପରି ଏହି ନିଆଁ ଆଖପାଖରେ ଥିବା ▶▶ପୃଷ୍ଠା ୭

# ସ୍ୱୟଂ ସହାୟକ ଗୋଷ୍ଠୀରୁ ସଭାପତି ଋଣ ନେଇ କରୁନାହାନ୍ତି ଫେରସ୍ତ

## ଥାନା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ଗୋଷ୍ଠୀ ମହିଳା

କୋରେଇ, ୨୩/୫ (ନି.ପ୍ର): ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ମା ସିନ୍ଦୁରେଇ ସ୍ୱଂୟ ସହାୟକ ଗୋଷ୍ଠୀର ସଭାପତିଙ୍କ ଅର୍ଥ ତୋଷାରପାତ ଅଭିଯୋଗରେ ଥାନାର ଦ୍ୱାରସ୍ଥ ହେବା ପରେ ନ୍ୟାୟ ନମିଳିବାରୁ ଶେଷରେ ଗୋଷ୍ଠୀର ମହିଳା ମାନେ ବାଧ୍ୟ ହୋଇ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ଆସି ଅଭିଯୋଗ କରିଛନ୍ତି । ପ୍ରକାଶଯେ ଧର୍ମଶାଳା ଥାନା ଅନ୍ତର୍ଗତ ମା ସିନ୍ଦୁରେଇ ସ୍ୱଂୟ ସହାୟକ ଗୋଷ୍ଠୀର ସଭାପତି ଦେଉଳିପାଳ ଗ୍ରାମର ସସ୍ମିତା ଖୁଂଟିଆ ସ୍ୱାମୀ ତୁଷାର କାନ୍ତ ତାଙ୍କ ଗୋଷ୍ଠୀର ମହିଳାଙ୍କ ମାନଙ୍କ ସହଯୋଗରେ ଋଣ କରି ନିଜେ ଆତ୍ମସାତ କରିଛନ୍ତି । ଏମିତିକି ଗତ ୨୦୨୩ ମସିହା ଏପ୍ରିଲ ମାସରୁ ନିଜର କିସ୍ତି ମଧ୍ୟ ଦେଉନାହାନ୍ତି । ଅପରପକ୍ଷେ ନାନାଦି ଧମକ ଚମକ ଓ ଭୁଜାଲିରେ ଆକ୍ରମଣ କରିବାକୁ ତାଙ୍କ ପରିବାର ପକ୍ଷରୁ ପଛାଉ ନାହାନ୍ତି । ଏନେଇ ଗେଗାଷ୍ଠୀ ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସେ ଟଙ୍କା ସୁଝିବ ବୋଲି ଲିଖିତ ପ୍ରତିଶୃତି ଦେଇଥିଲେ ସୁଦ୍ଧା ଥାନାକୁ ଡକାଇଲେ ବି ଆସୁନାହାନ୍ତି । ତାଙ୍କ ଘରକୁ ଗଲେ ପରିବାର ପକ୍ଷରୁ ଗାଳି ଓ ଧମକ ଦେଉଛନ୍ତି । ବାରମ୍ୱାର ଥାନାକୁ ଦୌଡି ନିରାଶ ହେବାରୁ ଶେଷରେ ଗୋଷ୍ଠୀର ଅନ୍ୟ ୯ ଜଣ ମହିଳା ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟଟି ନ୍ୟାୟ ଭିକ୍ଷା କରିଛନ୍ତି । ମଧୁସ୍ମିତା ଖୁଂଟିଆ, ପ୍ରଭାତୀ ନାୟକ, ରୋଜାଲିନି ନାୟକ ପିଙ୍କି ଖୁଂଟିଆ, ମିନତୀ ପାଳ, କୁନିପାଳ,ସୁସ୍ମିତା ଖୁଂଟିଆ ପ୍ରମୁଖ ଏସପିଙ୍କୁ ଭେଟିଛନ୍ତି ।

# ଅତିରିକ୍ତ ଯୋଗାଣ ଅଧିକାରୀଙ୍କ କ୍ୱାର୍ଟର୍ସରୁ ଚୋରି: ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନାଗହଣା



ରାଉରକେଲା, ୨୩/୫ (ନି.ପ୍ର): ଉଦିତନଗର ରାଜସ୍ୱ କଲୋନିରେ ଅତିରିକ୍ତ ଯୋଗାଣ ଅଧିକାରୀ ସୋନିଲା ଖାରାଙ୍କ ସରକାରୀ କ୍ୱାର୍ଟର୍ସରେ ଚୋରମାନେ କଳାକନା ବୁଲାଇଛନ୍ତି । ଗତକାଲି ରାତିରେ ତାଲା ଭାଙ୍ଗି ଘର ଭିତରକୁ ପଶିଥିଲେ । ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇଯାଇଥିବା ଜଣାପଡିଛି । ଯୋଗାଣ କାର୍ଯ୍ୟାଳୟର ଆରଏଲ୍‌ଓ ରାଜକିଶୋର ପ୍ରଧାନଙ୍କ ଲିଖିତ ଅଭିଯୋଗ ଆଧାରରେ ଉଦିତନଗର ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଅତିରିକ୍ତ ଯୋଗାଣ ଅଧିକାରୀ ସୋନାଲି ଖାରା ରାଉରକେଲାରେ ପହଞ୍ଚିବା ପରେ କ'ଣ କ'ଣ ଚୋରି ହୋଇଛି ଜଣାପଡ଼ିବ । ରାଜକିଶୋର ତାଙ୍କ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି,ଅତିରିକ୍ତ ଯୋଗାଣ ଅଧିକାରୀ ସୋନାଲି ଖାରା ରାଜସ୍ୱ କଲୋନି ୧/୧ (ଏସ୍‌ଡିଜେଏମ୍‌ଙ୍କ ପାର୍ଶ୍ୱ) ସରକାରୀ କ୍ୱାର୍ଟର୍ସରେ ରହନ୍ତି । ସୋନାଲି ସ୍ୱାମୀଙ୍କ ସହ ପୁଅର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ହାଇଦ୍ରାବାଦ ଏକ ହସ୍ପିଟାଲକୁ ଯାଇଥିଲେ । କେହି ନଥିବାରୁ ରାଜକିଶୋର ସୋନାଲିଙ୍କ କ୍ୱାର୍ଟର୍ସର ରାତିରେ ଶୋଉଥିଲେ । ସୋମବାର ଦିନ ନିର୍ବାଚନ କାମରେ ବ୍ୟସ୍ତ ଥିବାରୁ ଗତକାଲି ରାତିରେ ରାଜକିଶୋର କ୍ୱାର୍ଟର୍ସରେ ଶୋଇପାରି ନଥିଲେ । ଆଜି ସକାଳେ କ୍ୱାର୍ଟର୍ସର ତାଲା ଭଙ୍ଗା ହୋଇ ବାହାରେ ପଡ଼ିଥିବା ଦେଖିବାକୁ ପାଇଥିଲେ । ଘର ଭିତରେ ଆଲମିରା ଭଙ୍ଗା ଯାଇଥିବାରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ ।

# ମାଲକାନଗିରି ଜିଲ୍ଲାରେ ଉଜ୍ଜଳା ଯୋଜନା ଫେଲ: ପୁଣି ଜଂଗଲ ଉପରେ ନିର୍ଭରଶୀଳ ହିତାଧିକାରୀ



ମାଲକାନଗିରି, ୨୩/୫ (ନି.ପ୍ର): ସରକାରଙ୍କର ଉଜ୍ଜ୍ୱଳା ଯୋଜନା ଜିଲ୍ଲାରେ ଆଉ କାମ କରୁନାହିଁ । ଉଜ୍ଜ୍ୱଳା ଯୋଜନା ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ନିର୍ବାଚନ ପୂର୍ବରୁ ପୁଣି ଉଜ୍ଜ୍ୱଳା ଯୋଜନାରେ ହିତାଧିକାରୀ ଲାଭ ଉଠାଇପାରିବେ ବୋଲି ଘୋଷଣା ହୋଇଥିଲା । କିନ୍ତୁ ଜିଲ୍ଲାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଉଜ୍ଜ୍ୱଳା ହିତାଧିକାରୀ ରହିଥିବା ବେଳେ ଏହାର ଫାଇଦା ଉଠାଇବାରେ ଅସଫଳ ରହିଛନ୍ତି । ନିର୍ବାଚନ ପାଇଁ ଏବେ ଦୁଇ ମାସ ପୁଣି ଉଜ୍ଜ୍ୱଳା ଯୋଜନା ବନ୍ଦ ରହିଛି । ଏହି ଯୋଜାରେ ହିତାଧିକାରୀଙ୍କୁ ମାଗଣାରେ ସିଲିଣ୍ଡର, ରେଗୁଲେଟର ପ୍ରଦାନ କରାଯାଉଥିଲେ ମଧ ଗ୍ୟାସ ଚୁଲା ବାବାଦକୁ ଋଣ ଆକାରରେ ଟଂକା ଦିଆଯାଉଛି ନଚେତ ଗ୍ୟାସ ଚୁଲା ପ୍ରଦାନ କରାଯାଉଛି । କିନ୍ତୁ ମିଳୁଥିବା ୩ ଥର ସବସିଡି ହିଁ ଗ୍ୟାସ ଚୁଲାର ଋଣ ବାବଦକୁ ପରିଶୋଧ ହେବା ।ପରେ ଚୁଲା ନେଲେ ସବସିଡି ବ୍ୟାଙ୍କ ଆକାଉଣ୍ଟକୁ ଚଢିବ । ଏହା ପ୍ରାୟତଃ କୌଣସି ଉଜ୍ୱଳା ହିତାଧିକାରୀ ଅବଗତ ନୁହନ୍ତି । ଜିଲ୍ଲାରେ ଉଜ୍ୱଳା ଯୋଜନା ଏକ ପ୍ରକାର ଠପ୍ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ହିତାଧିକାରୀମାନେ ଆର୍ଥିକ ଅନାଟନରେ ଜୀବନ ବିତାଉଥିବା ବେଳେ ଗ୍ୟାସ ଭରିବା ପାଇଁ ପାଖରେ ଟଂକା ନାହିଁ, ଯାହାଫଳରେ ସରକାର ଦେଇଥିବା ଗ୍ୟାସ ସରିବା ପରେ ତାହା ଏବେ ଘରର ଗୋଟିଏ କୋଣରେ ପଡି ରହିଛି । ପୁଣି ଯେପରି ପୂର୍ବରୁ ଜଂଗଲରୁ ଶୁଖିଲା କାଠ ସଂଗ୍ରହ କରି ରୋଷେଇ କରୁଥିଲେ, ଏବେ ତାହା ଦେଖିବାକୁ ମିଳିଛି । ଗାଁଗାଁରେ ଲୋକେ ନିକଟସ୍ଥ ଜଂଗଲକୁ ଶୁଖିଲା କାଠ ସଂଗ୍ରହ କରିବାକୁ ସକାଳରୁ ହିଁ ମାଣ୍ଡିଆ ଜାଉ ଖାଇ ଚାଲିଯାନ୍ତି । କାଠ ସଂଗ୍ରହ ପରେ ସଂଧ୍ୟାରେ ଘରକୁ ଫେରିଥାନ୍ତି । ଏବେ ପ୍ରତ୍ୟେକ ହିତାଧିକାରୀଙ୍କ ଘରେ ଗ୍ୟାସ ବଦଳରେ କାଠରେ ଚୁଲି ଜଳୁଛି । ଗରିବ ହିତାଧିକାରୀମାନେ ନିଜର ଗ୍ୟାସକୁ ଲିଜ ଆକାରରେ କିଛି ଧନୀକ ଶ୍ରେଣୀର ଲୋକଙ୍କୁ ଦେଇଥିବା ଜଣାପଡିଛି । ଆଉ କିଛି ହିତାଧିକାରୀ ଗ୍ୟାସକୁ ବିକ୍ରି ମଧ କରିଦେଇଛନ୍ତି, ଯାହା ତଦନ୍ତ ହେଲେ ସବୁ ପଦାକୁ ଆସିବ । ସରକାର ଯୋଜନା କରୁଛନ୍ତି ସତ କିନ୍ତୁ ତାହା ଲୋକଙ୍କର କେତେ କାମରେ ଆସୁଛି ତାହା ତଦନ୍ତ କରାଯାଉ ନାହିଁ । ଯଦ୍ୱାରା ଉଜ୍ୱଳା ଯୋଜନା ଭଳି ଏକ ଉତ୍ତମ ଯୋଜନା ଫେଲ ମାରିଛି । ବର୍ତ୍ତମାନ ଗ୍ୟାସର ୮୩୧ ଟଂକା ହୋଇଥିଲେ ମଧ ଉଜ୍ୱଳା ହିତାଧିକାରୀମାନେ ୩୦୦ ଟଂକା ସବସିଡି ପାଇ ମଧ ଗ୍ୟାସ ନେବାରେ କୁଣ୍ଠାବୋଧ କରୁଛନ୍ତି ।ମାଗଣାରେ ଶୁଖିଲା କାଠ ମିଳୁଥିବାରୁ କାହିଁକି ସେମାନେ ଗ୍ୟାସ ଚୁଲା କିଣିବେ ବୋଲି କିଛି ହିତାଧିକାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ପ୍ରାୟତଃ ବିଭିନ୍ନ ହୋଟେଲ ଏବଂ ଫାଷ୍ଟ ଫୁଡ ଦୋକାନଗୁଡିକରେ କମରସିଆଲ ଗ୍ୟାସ ବଦଳରେ ଘରୋଇ ଗ୍ୟାସ ବ୍ୟବହୃତ ହେଉଛି, ଯାହାକି ଉଜ୍ୱଳା ଯୋଜନାରେ ପାଇଥିବା ହିତାଧିକାରୀମାନେ କମ୍ ଟଂକାରେ ଦୋକାନୀମାନଙ୍କୁ ବିକ୍ରି କରିଦେଉଥିବା ଜଣାପଡିଛି । ଯୋଗାଣ ବିଭାଗ ଏହାର ତଦନ୍ତ କଲେ ସବୁ ସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଦ୍ୱୈତ ଭୋଟରଙ୍କୁ ନେଇ ଅକଳରେ ପ୍ରାର୍ଥୀ

ଭୋଗରାଇ, ୨୩/୫ (ନି.ପ୍ର): ଆସନ୍ତା ୨୫ରେ ପଶ୍ଚିମବଙ୍ଗର କଣ୍ଟେଇ ଲୋକସଭା ଆସନ ଓ ଜୁନ୍ ୧ରେ ଓଡ଼ିଶାର ବାଲେଶ୍ୱର ଲୋକସଭା ଆସନରେ ହେବ ମତଦାନ । ଏଭଳି ସମୟରେ ଶଙ୍ଖାମେଦୀ ଗାଁର ଦ୍ୱୈତ ଭୋଟରଙ୍କୁ ନେଇ ମୁଣ୍ଡବ୍ୟଥା ଆରମ୍ଭ ହୋଇଛି । ଗୋଟିଏ ପଟେ ଆଙ୍ଗୁଳିର ଭୋଟ୍ କାଳି ଲିଭିବା ଚିନ୍ତା, ଅନ୍ୟପଟେ ଭୋଟ୍ ବର୍ଜନ ଚେତାବନୀ ଭୟ ଘାରିଛି ଭୋଗରାଇ ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନଙ୍କୁ । ୧୯୨୭ ଭୂ-ବନ୍ଦବୋସ୍ତ ନକ୍ସା ଅନୁସାରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ତହସିଲ ଅନ୍ତର୍ଗତ ଅନଳିଆ ପଞ୍ଚାୟତ ଶଙ୍ଖାମେଦୀ ଗାଁ ଓଡ଼ିଶା ସରକାରଙ୍କ ଅଧୀନରେ ଥିଲା । ୧୯୫୬ ମସିହା ପର୍ଯ୍ୟନ୍ତ ଗ୍ରାମବାସୀ ଓଡ଼ିଶା ସରକାରଙ୍କୁ ଭୂ-ରାଜସ୍ୱ ପୈଠ କରୁଥିଲେ । ତେବେ ୧୯୬୦ ମସିହା ପରଠାରୁ ରାଜ୍ୟ ସରକାର ଗାଁରୁ ରାଜସ୍ୱ ନେବା ବନ୍ଦ କରିଦେଲେ । ଅନ୍ତଃରାଜ୍ୟ ସୀମାରେ ଥିବା ଉକ୍ତ ଗାଁର ଲୋକମାନେ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ପାଉଥିବା ବେଳେ ପଶ୍ଚିମବଙ୍ଗ ସରକାର ସେମାନଙ୍କୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଦେଇଛନ୍ତି । ଓଡ଼ିଶାରେ ମିଶିବା ପାଇଁ ଶଙ୍ଖାମେଦୀ ଗ୍ରାମବାସୀ ଓଡ଼ିଶା ସରକାରଙ୍କ ନିକଟରେ ବାରମ୍ୱାର ଦାବି କରୁଛନ୍ତି, ହେଲେ ଏ ସମସ୍ୟାର ସମାଧାନ ହୋଇପାରୁନି । ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର ଗ୍ରାମବାସୀଙ୍କୁ ଭୋଟର ପରିଚୟପତ୍ର ଦେଇଛନ୍ତି । ଫଳରେ, ନିର୍ବାଚନ ଆସିଲେ ଶଙ୍ଖାମେଦୀ ଗ୍ରାମବାସୀ ପଶ୍ଚିମବଙ୍ଗର କଣ୍ଟେଇ ଲୋକସଭା ଆସନ ସହିତ ରାମନଗର ବିଧାନସଭା କ୍ଷେତ୍ର ଓ ଓଡ଼ିଶାର ବାଲେଶ୍ୱର ଲୋକସଭା, ଭୋଗରାଇ ବିଧାନସଭା ଆସନ ନିମନ୍ତେ ଭୋଟ୍ ଦିଅନ୍ତି । ଏଥର ଗାଁର ପାଖାପାଖି ୪୦୦ ଭୋଟର୍ ଆସନ୍ତା ୨୫ରେ ପଶ୍ଚିମବଙ୍ଗ ଓ ଜୁନ୍ ୧ ତାରିଖରେ ଓଡ଼ିଶାରେ ଭୋଟ୍ ଦେବେ । ଯାହାକୁ ନେଇ ରାଜନୈତିକ ଦଳମାନଙ୍କ ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳିଛି । ୨୫ ତାରିଖରେ ଗାଁ ଲୋକେ ଭୋଟ୍ ଦେଲେ ଅଙ୍ଗୁଳିରେ ଲାଗିବାକୁ ଥିବା କାଳି ୧ ତାରିଖ ସୁଦ୍ଧା ଲିଭିବ କି ନାହିଁ, ସେ ନେଇ ଭୋଗରାଇ ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନେ ଚିନ୍ତାରେ ପଡ଼ିଛନ୍ତି । କାରଣ କାଳି ଲାଗିଥିଲେ ସେମାନେ ଦ୍ୱିତୀୟଥର ଭୋଟ୍ ଦେଇ ପାରିବେ ନାହିଁ । ଅନ୍ୟପଟେ କାଳି ଲିଭିଗଲେ ମଧ ସ୍ଥାୟୀ ବାସିନ୍ଦା ଦାବି ଦୋହରାଇ ରତନ ଜେନା, ପୁତୁଲ ଜେନା, ରୁମା ଜେନା, ଭାସ୍କର ଜେନା, ବିକାଶ ଜେନା, ନାରାୟଣ ଜେନା, ଗୌରୀରାଣୀ ଜେନା, ଅଜୟ ଜେନାଙ୍କ ସମେତ ଗ୍ରାମବାସୀ ଭୋଟ୍ ବର୍ଜନର ଚେତାବନୀ ଦେଇଛନ୍ତି । ଯାହାକୁ ନେଇ ପ୍ରାର୍ଥୀମାନେ ଅକଳରେ ପଡ଼ିଛନ୍ତି । କେବଳ ଶଙ୍ଖାମେଦୀ ନୁହେଁ, ଭୋଗରାଇ ଓ ଜଳେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ୮୨ଟି ଗାଁ ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟ ସୀମାକୁ ଲାଗିରହିଛି । ବ୍ୟବସ୍ଥାଗତ ତ୍ରୁଟିର ଫାଇଦା ଉଠାଇ ସେଠାକାର ହଜାର ହଜାର ଲୋକ ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶାରେ ଭୋଟ୍ ଦେଉଛନ୍ତି । ଏହାଛଡ଼ା ରାଜ୍ୟନ୍ତର ହୋଇଥିବା ବଙ୍ଗାଳୀ ଓ ଦେଶାନ୍ତର ହୋଇଥିବା ଅନେକ ବାଂଲାଦେଶୀ ମଧ ଭାରତର ଭୋଟର ପରିଚୟପତ୍ର ହାତେଇ ଭୋଟ୍ ଦେଉଥିବା ଜଣାପଡ଼ିଛି ।

# ରସୁଲପୁରରେ ଘରଘର ବୁଲି ପ୍ରଚାର କଲେ ପ୍ରଣବ

ଧର୍ମଶାଳା, ୨୩/୫ (ନି.ପ୍ର): ସାଧାରଣ ନିର୍ବାଚନ ନିମନ୍ତେ ଗାଁଗଣ୍ଡାରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି । ନେତା ଘରଘର ପ୍ରଚାରରେ ବୁଲି ନିଜ ସପକ୍ଷରେ ଓ ଦଳ ସପକ୍ଷରେ ଭୋଟ୍ ଭିକ୍ଷା କରୁଛନ୍ତି । ଏହି କ୍ରମରେ ଆଜି ପ୍ରଣବ କୁମାର ବଳବନ୍ତରାୟ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ଜୋନ୍‌ର ଓଡ଼ିଶୋ, ସିଂହାପୁର, ବାରବାଟୀ, କଲଣ, ନଠୁଆବର, ଜାବରା ଏବଂ ଶ୍ରୀବନ୍ତପୁର ପଂଚାୟତରେ ଶତାଧିକ କର୍ମୀମାନଙ୍କ ସହିତ ଶୋଭାଯାତ୍ରା କରି ଗାଁ ବୁଲି ପ୍ରଚାର କରିଛନ୍ତି । ଶ୍ରୀ ବଳବନ୍ତରାୟ ଲୋକମାନଙ୍କୁ ଭେଟି ସମର୍ଥନ ଲୋଡୁଛନ୍ତି ଓ ବିଭିନ୍ନ ସ୍ଥାନରେ ମହିଳାମାନେ ଫୁଲ, ଚନ୍ଦନ ଓ ହୁଳହୁଳି ଦେଇ ଶଙ୍ଖ ବଜାଇ ଚଳିତ ନିର୍ବାଚନରେ ବିଜୟ ଲାଭ ପାଇଁ ଆଶୀର୍ବାଦ କରୁଛନ୍ତି । ଗାଁରେ ପ୍ରଚାର କରୁଥିବା ସମୟରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଲୋକମାନଙ୍କର ସୁବିଧା, ଅସୁବିଧା ପଚାରି ବୁଝିବା ସହିତ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ । ଏହି ୭ଗୋଟି ପଂଚାୟତର ପ୍ରତ୍ୟେକ ଗାଁରେ ବୁଲିବା ସମୟରେ ମହିଳା, ଯୁବ ଓ ଛାତ୍ର କର୍ମୀମାନେ ବିଭିନ୍ନ ସ୍ଥାନମାନଙ୍କୁ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ ।

# ଅଭିଶପ୍ତ ଶୈଶବ: ଖେଳିବା ବୟସରେ ପରିବରର ବୋଝ ଉଠାଉଛନ୍ତି



ମାଲକାନଗିରି, ୨୩/୫ (ନି.ପ୍ର): ଶିକ୍ଷାର ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା ଉପରେ ଯୋଜନା ପ୍ରଣୟନ କରୁଛନ୍ତି । କିନ୍ତୁ ଯୋଜନାଗୁଡ଼ିକ ଯେଭଳି ଉପାନ୍ତ ଅଂଚଳରେ ପହଞ୍ଚିବ ସେଥିପ୍ରିତି ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ନାହିଁ । ତେଣୁ ଉପାନ୍ତ ଅଂଚଳରେ ବାସ କରୁଥିବା ପିଲାମାନେ ଶିକ୍ଷାରୁ ବଂଚିତ ହୋଇ ପରିବାରକୁ ବିଭିନ୍ନ କାମରେ ସହଯୋଗ କରିବା ସହ ପରିବାରର ବୋଝ ମଧ ଉଠାଉଛନ୍ତି । ମାଲକାନଗିରି ଜିଲ୍ଲାର ସାତୋଟି ବ୍ଲକର ବିଭିନ୍ନ ଅଂଚଳରେ ବିଭିନ୍ନ ଆଦିବାସୀ ସଂପ୍ରଦାୟର ଗୋଷ୍ଠୀ ବସବାସ କରୁଛନ୍ତି । ଏମାନେ ବଣ ଜଂଗଲରେ ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ସହ ବିଲ ଡଂଗରରେ ଫସଲ ଉତ୍ପାଦନ କରି ଜୀବନ ବିତାଉଛନ୍ତି । ଏସବୁ କାମରେ ପରିବାରର ସମସ୍ତ ସଦସ୍ୟ ସହଯୋଗ କରୁଥିବା ପ୍ରାୟତଃ ଦେଖିବାକୁ ମିଳେ ।ଘରର ମୁରବୀ ପରିବାରର ସମସ୍ତ ବୋଝ ଉଠାଉଥିଲେ ମଧ ଅନ୍ୟମାନେ ଏଥିରେ ହାତ ବଢାଇଥାନ୍ତି । କିନ୍ତୁ ଏମିତି ବି ଦେଖିବାକୁ ମିଳିଥାଏ ଯେ କମ୍ ବୟସର ପିଲାମାନେ ମଧ ନିଜର ବାପା ଓ ମା'ଙ୍କୁ ପରିବାରର ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥାନ୍ତି, ଯାହାକି ସେମାନଙ୍କର ବଳ ଓ ବୟସ ତୁଳନାରେ ଅଧିକା ବୋଝ ହୋଇଥାଏ ।ଯେଉଁ ବୟସରେ ସେମାନେ ଖେଳକୁଦ କରିବା କଥା କିମ୍ବା ବହି ବସ୍ତାନୀ ନେଇ ସ୍କୁଲକୁ ଯିବାର କଥା, ସେହି ବୟସରେ ପିଲାମାନେ ଗୃହପାଳିତ ପଶୁକୁ ନେଇ ପାଖ ବଣକୁ ଗୋରୁ ଚରାଇବାକୁ ନେଇଥାନ୍ତି । ତାଛଡା ଜଂଗଲରୁ ପତ୍ର ତୋଳିବା, ଜାଳେଣୀ କାଠ ସଂଗ୍ରହ କରିବା, ଏପରିକି ବିଲରେ ହଳ ବୁଲାଇବା ସହ ଧାନ କାଟିବା ଆଉ ଅମଳ କରିବାରେ ମଧ ସହଯୋଗ କରିଥାନ୍ତି । ଏଭଳି ଦୃଶ୍ୟ ମାଲକାନଗିରି ଜିଲ୍ଲାର ପ୍ରାୟ ସବୁ ଗାଁ ଗହଳିରେ ଦେଖିବାକୁ ମିଳେ । ଖଇରପୁଟର ବଣ୍ଡାଘାଟିରେ ଯେଉଁ ଦୃଶ୍ୟ ଦେଖିଲୁ ତାହା ବିଶ୍ୱାସ କରି ହେଲା ନାହିଁ । ଯେଉଁ ବୟସରେ ପିଲାମାନେ ଖେଳକୁଦ କରିବା କଥା ସେହି ବୟସରେ ପିଲାମାନେ ନିଜର ସାନ ଭାଇଭଉଣୀମାନଙ୍କୁ କୋଳେଇ ଧରିବା ସହ ଯତ୍ନ ନେଇଥାଏ । ପୁଣି ଦେଖିବାକୁ ମିଳିଥିଲା ଯେ ଛୋଟ ଛୋଟ ପିଲାମାନେ ଜଂଗଲରୁ ଜାଳେଣୀ କାଠ ସଂଗ୍ରହ କରି ଘରକୁ ନେଉଛନ୍ତି । ଏପରିକି ଝିଅ ଓ ପୁଅର ବୟସ ୧୪ କିମ୍ବା ୧୫ ବର୍ଷ ହୋଇଗଲେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି । ବଣ୍ଡା ଜନଜାତିର ବହୁ ନାବାଳକ ପୁଅ ଝିଅମାନେ ଜିଲ୍ଲାର ବିଭିନ୍ନ ହୋଟେଲ ଏବଂ ଗ୍ୟାରେଜମାନଙ୍କରେ କାମ କରୁଥିବା ଦେଖିବାକୁ ମିଳେ । ବଣ୍ଡାଘାଟିରେ ଶିକ୍ଷା କହିଲେ ବହୁଦୂରରେ । ଏହାଯେ କେବଳ ଏମାନଙ୍କର ଭାଗ୍ୟରେ କାମ କରିବା ଲେଖାଯାଇଛି ତାହା ନୁହେଁ,ଏପରିକି ପ୍ରତ୍ୟେକ ଆଦିବାସୀ ପରିବାରରେ କୋମଳମତି ଶିଶୁମାନେ ବାପା ମାଆଙ୍କୁ ସାହାଯ୍ୟ କରିବା ପାଇଁ ସଂସାରର ବୋଝ ଉଠାଇଥାନ୍ତି । ଆଦିବାସୀ ପରିବାରର ଆର୍ଥିକ ସ୍ଥିତି ଅତି ଦୁର୍ବଳ ଥିବା ଯୋଗୁଁ ପରିବାରର ସମସ୍ତ ସଦସ୍ୟ ପେଟ ପାଇଁ ମୂଲ ଲାଗିବା ବେଳେ ଏହି ଅସହାୟ ଶିଶୁମାନେ ନିଜର ଭାଇଭଉଣୀମାନଙ୍କୁ ଯତ୍ନ ନେବା ପାଇଁ ବାଧ ହୋଇଥାନ୍ତି । ସେମାନଙ୍କର ସବୁ ସ୍ୱପ୍ନ ଏଠାରେ ହିଁ ବନ୍ଧା ପଡ଼ିଯାଏ । ଏସବୁକୁ ଆଦିବାସୀଙ୍କ ଯୁଗ ଯୁଗର ପରଂପରାର ଆଖ୍ୟା ଦେଇ ଶିକ୍ଷିତ ସମାଜ ଆଡେଇ ଦେଉଥିବା ବେଳେ ପ୍ରଶାସନ ଓ ସରକାରଙ୍କର ଉଦାସୀନତା ଏହି କୋମଳମତି ଶିଶୁମାନଙ୍କର ଭାଗ୍ୟକୁ ଅନ୍ଧାରର ଗର୍ଭ ଭିତରକୁ ଠେଲି ଦେଉଛି ।ଏମାନଙ୍କର ଭାଗ୍ୟ କେବେ ବଦଳୁଛି ଦେଖିବାକୁ ବାକି ରହିଲା ।

# ବୈଷୟିକ କାରଣରୁ ବିମାନ ଚଳାଚଳ ବନ୍ଦ

ଜୟପୁର, ୨୩/୫ (ନି.ପ୍ର): ବୈଷୟିକ କାରଣ ଯୋଗୁଁ ଆଜି ଦିନକ ପାଇଁ ଭୁବନେଶ୍ୱର-ଜୟପୁର, ଜୟପୁର-ବିଶାଖାପାଟଣା ବିମାନ ଚଳାଚଳ ବନ୍ଦ ରହିଛି । ଆସନ୍ତାକାଲି ନିର୍ଦ୍ଧାରିତ ସମୟରେ ବିମାନ ଚଳାଚଳ କରିବ ବୋଲି ଇଣ୍ଡିଆ ୱାନ୍ ଏୟାର କମ୍ପାନି ସୂଚନା ଦେଇଛି । ତେବେ, ବିମାନ ବାତିଲ ସଂପର୍କରେ ଶେଷ ମୁହୂର୍ତ୍ତରେ ସୂଚନା ଦିଆଯିବାରୁ ଯାତ୍ରୀ ହଇରାଣ ହୋଇଛନ୍ତି । ଇଣ୍ଡିଆ ୱାନ୍ ଏୟାର ବିମାନ କମ୍ପାନି ପକ୍ଷରୁ ଭୁବନେଶ୍ୱରରୁ ଜୟପୁର ପର୍ଯ୍ୟନ୍ତ ସପ୍ତାହରେ ୭ଦିନ ଗୋଟିଏ ବିମାନ ଚଳାଚଳ କରୁଛି । ଏହି ବିମାନ ଭୁବନେଶ୍ୱରରୁ ବାହାରି ଜୟପୁର ଏୟାରପୋର୍ଟରେ ପହଞ୍ଚିବା ପରେ ଏଠାରୁ ପୁଣି ଯାତ୍ରୀଙ୍କୁ ନେଇ ବିଶାଖାପାଟଣା ଯାଉଛି । ବିଶାଖାପାଟଣାରୁ ଯାତ୍ରୀଙ୍କୁ ନେଇ ଜୟପୁର ଆସି ପୁଣି ଭୁବନେଶ୍ୱର ଅଭିମୁଖେ ଉଡ଼ାଣ ଭରୁଛି । ସେହିପରି କମ୍ପାନିର ଦ୍ୱିତୀୟ ବିମାନ ଭୁବନେଶ୍ୱରରୁ ଜୟପୁର ଏବଂ ଜୟପୁରରୁ ଭୁବନେଶ୍ୱର କେବଳ ବୁଧବାର ଓ ଶୁକ୍ରବାର ଦିନ ହିଁ ଯାତ୍ରା କରୁଛି । ଗତବର୍ଷ ବର୍ଷାଦିନେ ଖରାପ ପାଗ ଯୋଗୁଁ ଅନେକ ଦିନ ଧରି ବିମାନ ଚଳାଚଳ ବନ୍ଦ ରହିଥିଲା । ଦ୍ୱିତୀୟ ବିମାନ ଚଳାଚଳ ପରେ ଯାତ୍ରୀ ବହୁମାତ୍ରାରେ ଉପକୃତ ହୋଇଛନ୍ତି । ତେବେ ଆଜି ବୈଷୟିକ ସାଜସଜ୍ଜା ପାଇଁ ବିମାନ ଉଡ଼ାଣ ଭରିପାରିନି । ପୂର୍ବରୁ ଯାତ୍ରା ପାଇଁ ଟିକେଟ୍ ସଂରକ୍ଷିତ କରିଥିବା ଯାତ୍ରୀଙ୍କୁ ଏହି ବିଷୟରେ ଆଦୌ ଅବଗତ କରାଯାଇ ନଥିଲା । ଅଚାନକ ଦୁଇଟିଯାକ ବିମାନକୁ ବାତିଲ କରି ଆଜି ସକାଳୁ ସମସ୍ତ ଯାତ୍ରୀଙ୍କୁ ଏହି ବିଷୟରେ ସୂଚନା ଦିଆଯାଇଥିଲା ।

# ବିଜେଡ଼ିରେ ଯୋଗଦେଲେ ଫିଲ୍ମ ଅଭିନେତ୍ରୀ ସ୍ୱପ୍ନା ପତି

ଭୁବନେଶ୍ୱର, ୨୩/୫ (ନି.ପ୍ର): ବଲିଉଡ ତଥା ଓଡିଶାର ପ୍ରତିଷ୍ଠିତ ଫିଲ୍ମ ଅଭିନେତ୍ରୀ ଓ ମଡେଲ ସ୍ୱପ୍ନା ପତି ବୁଧବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସ୍ୱପ୍ନା ପତିଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ସ୍ୱପ୍ନା ପତିଙ୍କ ଯୋଗଦାନ ଫଳରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ । ସେହିପରି ଭୁବନେଶ୍ୱର-ଉତର ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ସାଧାରଣ ସମ୍ପାଦକ ବିଦ୍ୟାଧର ଦେହୁରୀଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ବିଦ୍ୟାଧର ଦେହୁରୀଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଭୁବନେଶ୍ୱର-ଉତ୍ତର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ । ଏହି ମିଶ୍ରଣ ପର୍ବରେ ଗୋପାଳଚନ୍ଦ୍ର ନାୟକ, ଅଶୋକ କୁମାର ନାୟକ, ସୁରେଶ ଚନ୍ଦ୍ର ନାୟକ, ସେକ୍ ଇକବାଲ ହୁସେନ, ଦେବରାଜ ନାୟକ, ଟୁକୁ ମାଝୀ, ଅଞ୍ଜଳୀ ସ୍ୱାଇଁ, ମଥୁରୀ ସ୍ୱାଇଁ, କମଳ କୁମାରୀ ପାଟ୍ଟଶାଣୀ, କୁନା ଭୋଇ, ମଳୟ କୁମାର ସେଠୀ, ନାସିରୁଦ୍ଦିନ ଖାନ, ଦାମୋଦର ନାୟକ, ସର୍ବେଶ୍ୱର ନାୟକ, ସୁଶ୍ରୀ ଶୁଭଦର୍ଶିନୀ, ଶିବ ଚରଣ ମଲ୍ଲିକ, ସୁଜାତା, ନାୟକ ଓ ଅମର ନାୟକଙ୍କ ସହ ବହୁ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଏହା ବ୍ୟତୀତ ରାଜ୍ୟର ଦୁଇ ପ୍ରତିଷ୍ଠିତ ଡାକ୍ତର ଅୟସକାନ୍ତ ମହାନ୍ତି ଓ ଡାକ୍ତର ପି.କେ ସାହୁ ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି ।

# ପ୍ରାର୍ଥୀ ମାନଙ୍କ ଖର୍ଚ୍ଚ ତଦାରଖ କଲେ ପର୍ଯ୍ୟବେକ୍ଷକ

ପୁରୀ, ୨୩/୫ (ନି.ପ୍ର):ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ର ପ୍ରାର୍ଥୀ ମାନଙ୍କ ଖର୍ଚ୍ଚ ତଦାରଖ କରିଛନ୍ତି ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଦନପାଲ ସିଂ । ଆଜି ପୂର୍ବାହ୍ନରେ ୧୦୮ ବ୍ରହ୍ମଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ର ପ୍ରାର୍ଥୀ ମାନଙ୍କ ଖର୍ଚ୍ଚ ତଦାରଖ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ସିଂ ସମସ୍ତ ପ୍ରାର୍ଥୀ ମାନଙ୍କ ଖର୍ଚ୍ଚ ର ସମୀକ୍ଷା ପ୍ରାର୍ଥୀ ମାନଙ୍କ ପ୍ରତିନିଧି ମାନଙ୍କ ଉପସ୍ଥିତି ରେ କରାଇଥିଲେ ।ସେହିପରି ୧୦୯ ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ର ପ୍ରାର୍ଥୀ ମାନଙ୍କ ଖର୍ଚ୍ଚ ତଦାରଖ ସର୍କିଟ ହାଉସ ଠାରେ ଓ ୧୧୦ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ର ପ୍ରାର୍ଥୀ ମାନଙ୍କ ଖର୍ଚ୍ଚ ସମୀକ୍ଷା ପିପିଲି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା ।ଏହି ସମୀକ୍ଷା ରେ ସମସ୍ତ ପ୍ରାର୍ଥୀ ମାନଙ୍କ ପ୍ରତିନିଧି, ସହକାରୀ ଖର୍ଚ୍ଚ ତଦାରଖ ଅଧିକାରୀ, ପର୍ଯ୍ୟବେକ୍ଷକ ଙ୍କ ଲିଆସନିଙ୍ଗ ଅଫିସର ଦିପ୍ତୀରଞ୍ଜନ ପ୍ରଧାନ, ଆକାଉଣ୍ଟିଂ ଟିମ ପ୍ରମୁଖ ଯୋଗ ଦେଇଥିଲେ ।

# ନିର୍ବାଚନ ପ୍ରଚାରରେ ସରକାରୀ କର୍ମଚାରୀ ସଂପୃକ୍ତ, ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା, ୨୩/୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ସାଧାରଣ ନିର୍ବାଚନ ୨୦୨୪ ପାଇଁ ବିଭିନ୍ନ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲୁଥିବା ବେଳେ କେତେକ ସ୍ଥାନରେ ସରକାରୀ କର୍ମଚାରୀ ଦୀୟ ପ୍ରଚାର କାର୍ଯ୍ୟକ୍ରମ ରେ ସାମିଲ ହେଉଥିବା ଜିଲ୍ଲାପାଳଙ୍କୁ ଅବିଯୋଗ ହୋଇଛି । ଏନେଇ ବୁଧବାର ବରିଷ୍ଠ ଆଇନଜୀବି ଦୁର୍ଯ୍ୟୋଧନ ସାହୁଙ୍କ ନେତୃତ୍ୱରେ, ଆଇନଜୀବି ସୁବାସ ଚନ୍ଦ୍ର ରାଉତ, ସୁଧୀର କୁମାର ପରିଡା, ସୁବ୍ରତ ପଟ୍ଟନାୟକ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା ଗ୍ରାମର ପୋଷ୍ଟ ପିଅନ ହିରାଲାଲ ସ୍ୱାଇଁ ବିଜେଡି ର ଏକ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ରେ ସାମିଲ ଥିବାରୁ ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂରଙ୍କୁ ଅଭିଯୋଗ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି ।

# ବ୍ରହ୍ମବରଦାଠାରେ ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

ଧର୍ମଶାଳା, ୨୩/୫ (ନି.ପ୍ର): ସାଧାରଣ ନିର୍ବାଚନ ସମୟ ସରି ସରି ଆସୁଛି । ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ଜୋରଦାର କରିଛନ୍ତି । ଘର ଘର ବୁଲି ଭୋଟ୍ ଭିକ୍ଷା କରୁଛନ୍ତି । ଏହି ସାଧାରଣ ନିର୍ବାଚନ ନିମନ୍ତେ କର୍ମୀ ଉତ୍ସାହିତ ହୋଇ ପଡ଼ିଥିବାବେଳେ ଭୋଟର ହାତ ପାହାନ୍ତାରେ ପ୍ରାର୍ଥୀ ଓ ଷ୍ଟାର ପ୍ରଚାରକମାନଙ୍କୁ ଦେଖି ବେଶ୍ ଉତ୍ସାହିତ ଅଛନ୍ତି । ଏହି ନିର୍ବାଚନରେ ଦଳ ବିଭିନ୍ନ ଯୋଜନା କରୁଛି । ନିର୍ବାଚନ ପରିଚାଳନାକୁ ଅଧିକ କ୍ରୀୟାଶୀଳ ନିମନ୍ତେ ବିଭିନ୍ନ ସ୍ଥାନରେ ପାର୍ଟି କାର୍ଯ୍ୟାଳୟ କରାଯାଉଛି । ଏହି ଅବସରରେ ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ବ୍ରହ୍ମବରଦାସ୍ଥିତ ମଙ୍ଗଳା ମାର୍କେଟ ଠାରେ ଭାରତୀୟ ଜନତା ପାର୍ଟିର ଏକ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ବରୀ ବିଜେପି ବିଧାୟକ ପ୍ରାର୍ଥୀ ଉମେଶ ଜେନା ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରଦୀପ ଦାସ, ପ୍ରଫୁଲ୍ଲ ଗିରି, ସଫିଆଲାମ ଖାଁନ, ଯୁବନେତା ଶ୍ରୀକାନ୍ତ ଦାସ, ସତ୍ୟପ୍ରସାଦ ରାଉତ, ସତ୍ୟ ସାଗର ରାଉତଙ୍କ ସମେତ ସ୍ଥାନୀୟ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ରହସ୍ୟମୟୀ ଗାଁ: ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ ସମସ୍ତେ ଅନ୍ଧ

ବିଚିତ୍ର ଏ ବିଶ୍ୱ ବ୍ରହ୍ମାଣ୍ଡ ,ବିଚିତ୍ର ତାର ପରିକଳ୍ପନା । ଏଠାରେ ଲୁଚି ରହିଛି ଅନେକ ରହସ୍ୟମୟ ତଥ୍ୟ ଏବଂ ଘଟଣା । ଯାହା ବିଷୟରେ ଜାଣିଲେ ବୈଜ୍ଞାନିକମାନଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ, ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବ । ତେବେ ସେହିପରି ଏକ ଗାଁ ରହିଛି । ଯାହାକି ସମ୍ପୂର୍ଣ୍ଣ ରହସ୍ୟମୟ । ସେହି ଗାଁ ବିଷୟରେ ଏବଂ ସେଠାରେ ଥିବା ରହସ୍ୟ ବିଷୟରେ ଜାଣିବା ପାଇଁ ବୈଜ୍ଞାନିକମାନେ ଅନେକ ପ୍ରୟାସ କରିଛନ୍ତି । କିନ୍ତୁ ସବୁପରେ ମଧ ସେ ଏହି ଗାଁ ବିଷୟରେ କିଛି ବି ତଥ୍ୟ ପାଇ ନାହାନ୍ତି । ତେବେ ଆମେ ଆଜି ଆପଣମାନଙ୍କୁ ସେହି ଗାଁ ବିଷୟରେ ଜଣାଇବାକୁ ଯାଉଛୁ ଯାହା ଜାଣିଲେ ଆପଣମାନେ ମଧ ବିଶ୍ୱାସ କରି ପାରିବେ ନାହିଁ । ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ରହସ୍ୟମୟୀ ଗାଁ ବିଷୟରେ...





ମେକ୍ସିକୋରେ ଏକ ଗାଁ ଅଛି ଯାହା ଦୁନିଆର ରହସ୍ୟମୟ ସ୍ଥାନ ମଧରେ ଅନ୍ତର୍ଭୁକ୍ତ । ଏହି ଗାଁରେ ପିଲାମାନେ ଜନ୍ମ ହେବାପରେ ଏପରି କିଛି ଘଟେ ଯାହାକୁ ଶୁଣିଲେ ଆପଣ ବି ଆଶ୍ଚର୍ଯ୍ୟ ହୋଇଯିବେ । ତେବେ ଏଠାରେ ପିଲାମାନେ ଜନ୍ମ ହୁଅନ୍ତି, ହେଲେ ଜନ୍ମର କିଛି ଦିନପରେ ସେମାନେ ଅନ୍ଧ ହୋଇଯାଆନ୍ତି । ଖାଲି ମଣିଷ ନୁହେଁ ପଶୁ ବି ଅନ୍ଧ ପାଲଟି ଯାଆନ୍ତି । ଯେଉଁଥିପାଇଁ ମେକ୍ସିକୋର ଏହି ଗାଁକୁ ଅନ୍ଧ ଗାଁ ମଧ କୁହାଯାଏ । ଯାହାର ପ୍ରକୃତ ନାମ ହେଉଛି ଟିଲଟେପେକ । ତେବେ ଏହି ଅଦ୍ଭୁତ କାରଣରୁ ଏହି ଗାଁ ସାରା ବିଶ୍ୱରେ ପ୍ରସିଦ୍ଧ ହୋଇଛି । ଯାହା ବିଷୟରେ ଶୁଣିଲେ କେହି ବି ସହଜରେ ବିଶ୍ୱାସ କରନ୍ତି ନାହିଁ । ଟିଲଟେପକ୍ ଗାଁ ଦୁନିଆର ସବୁଠାରୁ ରହସ୍ୟମୟ ଗାଁ ମଧରୁ ଅନ୍ୟତମ । କାରଣ ଏହି ଗାଁରେ କେବଳ ଅନ୍ଧମାନେ ହିଁ ବସବାସ କରନ୍ତି । କୁହାଯାଏ ଜାପୋଟେକ୍ ଜନଜାତି ମେକ୍ସିକୋର ଟିଲଟେପାକରେ ରୁହନ୍ତି । ଯେତେବେଳେ ସେଠାରେ ପିଲାମାନେ ଜନ୍ମ ହୁଅନ୍ତି ସେମାନଙ୍କର ଆଖି ସଂପୂର୍ଣ୍ଣ ଭଲ ଥାଏ। କିନ୍ତୁ ସମୟ ଗଡିବା ସହିତ ସେମାନଙ୍କର ଆଖି ନଷ୍ଟ ହୋଇଯାଏ । ଏହା କେବଳ ମଣିଷ ନୁହେଁ ପଶୁମାନଙ୍କ ସହ ମଧ ହୋଇଥାଏ । ସେପଟେ ଏହି ଗାଁରେ ବାସ କରୁଥିବା ଜନଜାତିର ଲୋକମାନେ ସେଠାରେ ଥିବା ଏକ ଅଭିଶାପିତ ବୃକ୍ଷକୁ ସେମାନଙ୍କର ଅନ୍ଧ ହେବାର କାରଣ ବୋଲି କୁହନ୍ତି । ସେମାନେ କହିଛନ୍ତି ଲାଭାଜୁଏଲା ନାମକ ଏକ ଗଛ ଅଛି । ଯାହାକୁ ଦେଖିବାପରେ ମଣିଷ ଠାରୁ ପଶୁ ଏବଂ ପକ୍ଷୀ ସମସ୍ତେ ଅନ୍ଧ ହୋଇଯାଆନ୍ତି । ତେବେ ଏହି ଗଛ ଗାଁରେ ବର୍ଷେ ବର୍ଷ ଧରି ରହି ଆସିଛି । ସେପଟେ ଏହାକୁ କିଛି ଲୋକ ବିଶ୍ୱାସ କରୁଥିବା ବେଳେ ଅନେକ ଏହାକୁ ଅନ୍ଧବିଶ୍ୱାସ ବୋଲି କୁହନ୍ତି । ବିଶେଷଜ୍ଞମାନଙ୍କ କହିବା ଅନୁସାରେ ଏହି ଗାଁରେ ବିଷାକ୍ତ ମାଛି ମଧ ଦେଖିବାକୁ ମିଳୁଛି । ଏହି ମାଛି କାମୁଡିବା ଦ୍ୱାରା ଲୋକମାନେ ଅନ୍ଧ ହେଇଯାଉଛନ୍ତି। ଏହା ଗାଁ ବିଷୟରେ ଜାଣିବାପରେ ମେକ୍ସିକୋ ସରକାର ଗ୍ରାମବାସୀଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିଥିଲେ । ହେଲେ ସରକାର ମଧ କିଛି ସଫଳତା ପାଇଲେ ନାହିଁ । ପରବର୍ତ୍ତୀ ସମୟରେ ସରକାର ଏହି ଜନଜାତିଙ୍କୁ ଅନ୍ୟତ୍ର ରହିବାକୁ କହିଥିଲେ । ହେଲେ ସେଠାର ଜଳବାୟୁ ସେମାନଙ୍କ ପାଇଁ ଅନୁକୂଳ ନଥିଲା । ଫଳରେ ସେହି ଲୋକମାନେ ସରକାର ଦେଇଥିବା ସ୍ଥାନରେ ରହି ପାରିଲେ ନାହିଁ । ଯାହାଫଳରେ ସେମାନେ ପୁନର୍ବାର ଟିଲଟେପକ୍ ଗାଁରେ ରହିବକୁ ଲାଗିଲେ । ତେବେ ଆଜି ବି ସେ ସ୍ଥାନରେ ଲୋକେ ଅନ୍ଧ ହୋଇ ଜୀବନ ବିତାଉଛନ୍ତି ।

## କାମରେ ବାଧା ଏବଂ ଖରାପ ନଜର ଦୂର କରେ କଳା ସୋରିଷ




ସମସ୍ତେ ଜୀବନରେ ଅଗ୍ରଗତି କରି ଟଙ୍କା, ଧନ ଏବଂ ଗୌରବ ଲାଭ କରିବାକୁ ଚେଷ୍ଟା କରନ୍ତି ।ଏଥିପାଇଁ ସେ କଠିନ ପରିଶ୍ରମ କରନ୍ତି, କିନ୍ତୁ ଅନେକ କାରଣରୁ ସେ ଅଗ୍ରଗତି କରିବାକୁ ସକ୍ଷମ ହୋଇପାରନ୍ତିନି । ଏହା ପଛର କାରଣ ହେଉଛି, ଅନେକ ପ୍ରକାରର ତ୍ରୁଟି ଏବଂ ମନ୍ଦ ଆଖି ହୋଇପାରେ । ଏପରି ପରିସ୍ଥିତିରେ, ଆଜି ଆମେ ଖାଦ୍ୟରେ ବ୍ୟବହୃତ କଳା ସୋରିଷର ପ୍ରତିକାର ବିଷୟରେ ସୂଚନା ଦେବୁ । କଳା ସୋରିଷର ପ୍ରତିକାରଗୁଡିକ ଅତି ସଠିକ୍ ଭାବରେ ବିବେଚନା କରାଯାଇଛି । ଏହି ପ୍ରତିକାରଗୁଡିକ କରିବା ଦ୍ୱାରା ଖରାପ ନଜର ଚାଲିଯାଏ ଏବଂ ଘରେ ସୁଖ, ଶାନ୍ତି ଏବଂ ସମୃଦ୍ଧତା ବୃଦ୍ଧି ପାଏ । ଯଦି ଆପଣ ଭାଗ୍ୟର ସମର୍ଥନ ପାଇ ନାହାଁନ୍ତି, ତେବେ ଶୋଇଥିବା ଭାଗ୍ୟକୁ ଜାଗ୍ରତ କରିବା ପାଇଁ ଏକ ପାତ୍ରରେ ପାଣି ଭର୍ତ୍ତି କରନ୍ତୁ ଏବଂ ସେଥିରେ କଳା ସୋରିଷ ମଞ୍ଜି ରଖନ୍ତୁ । ଏହା ପରେ ଏହି ପାଣିରେ ସ୍ନାନ କରନ୍ତୁ । ଏହା କରିବା ଦ୍ୱାରା, ଭାଗ୍ୟ ଜାଗ୍ରତ ହୁଏ ଏବଂ ଭାଗ୍ୟର ସମର୍ଥନ ପାଇବା ଆରମ୍ଭ କରେ । ବ୍ୟକ୍ତି ଜୀବନରେ କଠିନ ପରିଶ୍ରମ କରେ, କିନ୍ତୁ କିଛି ତାର ଫଳାଫଳ ପାଏ ନାହିଁ । ତାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ହଠାତ୍ ଖରାପ ହେବାକୁ ଲାଗେ ଏବଂ କାର୍ଯ୍ୟରେ ବାଧା ଉପୁଜିଥାଏ । ଏଭଳି ପରିସ୍ଥିତିରେ ଗୁରୁବାର ଦିନ କଳା ସୋରିଷ ଅର୍ଥାତ୍ ସୋରିଷ ଦାନ କରନ୍ତୁ। ଆପଣଙ୍କ ଘରେ କିମ୍ବା ସଦସ୍ୟଙ୍କ ଉପରେ ଯଦି କେହି ଖରାପ ନଜର ପକାଇଛନ୍ତି, ତେବେ ସୋରିଷ ମଞ୍ଜି, ସାତୋଟି ଲାଲ୍ ଲଙ୍କା ଏବଂ ଲୁଣ ସେହି ବ୍ୟକ୍ତିଙ୍କ ମୁଣ୍ଡରେ ସତ ଥର ଘୂର୍ଣ୍ଣନ କରି ଜ୍ୱଳନ୍ତ ନିଆଁରେ ପକାଇ ଦିଅନ୍ତୁ । ଆପଣ ଏହି ପ୍ରତିକାରକୁ ବାମ ହାତରେ କରିବା ଉଚିତ୍ । କଳା ସୋରିଷର ଏହି ପ୍ରତିକାର ଖରାପ ନଜରରୁ ରକ୍ଷା କରିବାରେ ସାହାଯତ ହୋଇଥାଏ ।

## ଖାଇବା ପରେ ଥଣ୍ଡା ପାଣି ପିଇବା ଦ୍ୱାରା ବଢିଯାଏ ହାର୍ଟ ଆଟାକର ସମ୍ଭାବନା



ସାଧାରଣତଃ ଆମ ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଥାଏ। ଏଥିପାଇଁ ପିଇବା ପାଣିର ତାପମାତ୍ରା ୨୦ ରୁ ୨୨ ଡିଗ୍ରୀ ମଧରେ ରହିବା ଉପଯୁକ୍ତ। କେତେକ ବ୍ୟକ୍ତି ଖାଇବା ପରେ ଫ୍ରିଜ୍ ପାଣି ପିଇଥାଆନ୍ତି। କିନ୍ତୁ ଏହି ପାଣି ଯଦି ଅତ୍ୟଧିକ ଥଣ୍ଡା ହୋଇଥାଏ, ତେବେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ପାଣି ଅଧିକ ଥଣ୍ଡା ଥିଲେ ଏବଂ ତାହାକୁ ପିଇଲେ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ। ଅପରପକ୍ଷରେ ଏହାର ସିଧାସଳଖ ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଥଣ୍ଡା ପାଣି ପିଇବା ମାତ୍ରକେ ଢୋକିବା ପାଇଁ ସମୟ ଲାଗେ। କାରଣ ଏହି ପାଣିର ତାପମାତ୍ରା କିଛି ପରିମାଣରେ ସାମାନ୍ୟ ହେବା ପରେ ଗଳାରୁ ଖସିଥାଏ। କିନ୍ତୁ ନିରନ୍ତର ଖାଇବା ପରେ ସ୍ୱାସ୍ଥ୍ୟ ଥଣ୍ଡାପାଣି ପିଇବା କ୍ଷତିକାରକ ଭାବେ ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡା ପାଣି ପିଇବା ଦ୍ୱାରା ଟନ୍‌ସିଲ ସମସ୍ୟା ଉପୁଜିଥାଏ। ଥଣ୍ଡା ପାଣି ଦ୍ୱାରା ପେଟର ଅନ୍ତଃନଳୀ ସଙ୍କୁଚିତ ହୋଇଯାଏ, ଯଦ୍ୱାରା କଫ ସମସ୍ୟା ଦେଖାଦିଏ। ତେଣୁ କଫ ସମସ୍ୟା ଭୋଗୁଥିବା ଲୋକେ ଥଣ୍ଡା ପାଣିଠୁ ଦୂରରେ ରହିବା ଭଲ।

## ଅଲ୍‌ଝାଇମର୍ସ ପାଇଁ ପୋଦିନା ବରଦାନ



ଅଲ୍‌ଝାଇମର୍ସ ଓ ପୋଦିନା ତୈଳ ବା ରାସାୟନିକ ଯୌଗିକ 'ମେନ୍ଥଲ' ମଧ୍ୟରେ ଏକ ଅଜଣା ସମ୍ପର୍କ ଲୋକଲୋଚନକୁ ଆସିଛି। ସଦ୍ୟ ଅନୁଷ୍ଠିତ ଏକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଯେ ଏକ ଅଲ୍‌ଝାଇମର୍ସରେ ପୀଡ଼ିତ ମୂଷାକୁ 'ମେନ୍ଥଲ' ଶୁଂଘାଇବା ଦ୍ୱାରା ତାହାର ଜ୍ଞାନାତ୍ମକ ଦକ୍ଷତାରେ ଉନ୍ନତି ଘଟିପାରୁଛି। ସୁତରାଂ ଅଲ୍‌ଝାଇମର୍ସ ଦ୍ୱାରା ମସ୍ତିଷ୍କର ସ୍ନାୟୁ ବା କୋଷରେ ସଂଘଟିତ କ୍ଷତିକୁ ଏହି ରାସାୟନିକ ପଦାର୍ଥ ରୋକିପାରିବ ବୋଲି ଆଶା କରାଯାଉଛି। ଆମ ମସ୍ତିଷ୍କରେ 'ଇଣ୍ଟରଲ୍ୟୁକିନ୍-୧-ବିଟା' ନାମକ ଏକ ପ୍ରକାର ପ୍ରୋଟିନ୍ କ୍ଷରଣ ହୋଇଥାଏ, ଯାହା ଶରୀରରେ ପ୍ରଦାହ ସମ୍ବେଦନଶୀଳତାକୁ ନିୟନ୍ତ୍ରଣ କରିଥାଏ, ଫଳରେ ଶରୀରକୁ ରୋଗପ୍ରତିରୋଧକତା ପରି ପ୍ରାକୃତିକ ସୁରକ୍ଷା ମିଳିଥାଏ। ତେବେ ଏହି ପ୍ରୋଟିନ୍‌ର ଅସନ୍ତୁଳନ ନାନା ସମସ୍ୟା ସୃଷ୍ଟି କରିଥାଏ। ବିଶେଷ କରି ଅଲ୍‌ଝାଇମର୍ସ ଆକ୍ରାନ୍ତଙ୍କ ଠାରେ ଏହି ପ୍ରୋଟିନ୍ ପରିମାଣର ହ୍ରାସ ପରିଲକ୍ଷିତ ହୋଇଥାଏ। ପୂର୍ବରୁ କରାଯାଇଥିବା ଏକ ଅନୁଧ୍ୟାନ ଅନୁଯାୟୀ, କୌଣସି ଗନ୍ଧ ଆଘ୍ରାଣ ଦ୍ୱାରା ଶରୀରର ଏହି ରୋଗପ୍ରତିରୋଧକତା ଅବସ୍ଥାରେ ଉନ୍ନତି ଅଣାଯାଇପାରିବ। ତେଣୁ ଗବେଷକମାନେ ବିଭିନ୍ନ ପ୍ରକାର ରାସାୟନିକ ଯୌଗିକର ଗନ୍ଧକୁ ପ୍ରୟୋଗ କରି ଆସୁଥିଲେ। ଏହି କ୍ରମରେ ପରୀକ୍ଷାମୂଳକ ଭାବେ ମୂଷାଙ୍କୁ ଦୀର୍ଘ ଛଅମାସ କାଳ ନିର୍ଦ୍ଦିଷ୍ଟ ମାତ୍ରାର 'ମେନ୍ଥଲ' ଶୁଂଘାଇବା ପରେ ତାହାର 'ଇଣ୍ଟରଲ୍ୟୁକିନ୍-୧-ବିଟା' ପ୍ରୋଟିନ୍ ସ୍ତର ପୂର୍ବାବସ୍ଥାକୁ ଫେରି ଆସିଥିବା ଜଣାପଡ଼ିଥିଲା। ଆଶ୍ଚର୍ଯ୍ୟର କଥା, ଅଲ୍‌ଝାଇମର୍ସ ପୀଡ଼ିତ ମୂଷାଠାରେ 'ମେନ୍ଥଲ' ପ୍ରୟୋଗ ତାହାର ରୋଗପ୍ରତିରୋଧକତା ବଢ଼ାଇବା ସହ ସେ ତାହାର ଜ୍ଞାନାତ୍ମକ ଦକ୍ଷତା ଉଲ୍ଲେଖନୀୟ ଭାବେ ଫେରି ପାଇଥିବା ଦେଖାଯାଇଥିଲା। ବିଶେଷ କରି ଅଲ୍‌ଝାଇମର୍ସ, ପାର୍କିନ୍‌ସନ୍‌ସ ଓ ସିଜୋଫ୍ରେନିଆ ଆଦି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କର ଘ୍ରାଣଶକ୍ତି ଢେର କମିଯାଇଥାଏ। ସୁତରାଂ ଏହି ସଦ୍ୟ ଅନୁଧ୍ୟାନ ଗବେଷକମାନଙ୍କ ମନରେ 'ମେନ୍ଥଲ' ଆଘ୍ରାଣକୁ ଏକ ଅଲ୍‌ଝାଇମର୍ସ ଉପଚାର ଭାବେ ଉପଯୋଗ କରିବାର ଆଶା ସଂଚାର କରିଛି।

## ଅଧିକ କାମ ମଧୁମେହର କାରଣ





ସରକାରୀ ଏବଂ ଘରୋଇ କାର୍ଯ୍ୟାଳୟଗୁଡ଼ିକରେ ମହିଳା କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କେତେକ ସଂସ୍ଥାରେ କାର୍ଯ୍ୟଚାପ ଯୋଗୁ ମହିଳାଙ୍କୁ ଅଧିକ ସମୟ ଅଫିସରେ ରହିବାକୁ ପଡ଼େ । ସେହିପରି କେତେକ ଘରେ ମଧ ମହିଳାମାନେ ବହୁ ସମୟ କାମ କରନ୍ତି । କିନ୍ତୁ ଏହା ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ସପ୍ତାହକୁ ୪୫ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରୁଥିବା ମହିଳାମାନେ ଡାଇବେଟିସ୍ ଅର୍ଥାତ୍ ମଧୁମେହ ରୋଗରେ ପୀଡ଼ିତ ହୋଇପାରନ୍ତି । ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ଏ ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି । କାର୍ଯ୍ୟକ୍ଷେତ୍ର ଉପରେ ପର୍ଯ୍ୟବେକ୍ଷଣ କରି ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଘରର ଦାୟିତ୍ୱ ସାଙ୍ଗକୁ ଅଫିସ କାମକୁ ମିଶାଇଲେ କର୍ମଜୀବୀ ମହିଳାମାନେ ଅନେକ ପରିଶ୍ରମ କରନ୍ତି । ସକାଳୁ ଶଯ୍ୟାତ୍ୟାଗ ଠାରୁ ରାତି ପର୍ଯ୍ୟନ୍ତ ସବୁତକ କର୍ତ୍ତବ୍ୟ ନିର୍ବାହ କରନ୍ତି । ତେଣୁ ଅତ୍ୟଧିକ କାର୍ଯ୍ୟଚାପ ମହିଳାଙ୍କ ଶରୀର ଉପରେ କୁପ୍ରଭାବ ପକାଏ । ହରମୋନ କ୍ଷରଣ ଅସ୍ୱାଭାବିକ ହେବା ସହ ଇନ୍‌ସୁନିଲ୍ ମାତ୍ରା କମିଯାଏ । କିନ୍ତୁ ସପ୍ତାହକୁ ୪୫ଘଣ୍ଟା କାର୍ଯ୍ୟ କରୁଥିବା ପୁରୁଷଙ୍କ ସ୍ୱାସ୍ଥ୍ୟ ଉପରେ ସେତେଟା ପ୍ରଭାବ ପଡ଼େନାହିଁ । କାନାଡ଼ାର କ୍ୟୁବେକ୍ ୟୁନିଭର୍ସିଟି ହସ୍ପିଟାଲ ପକ୍ଷରୁ ହୋଇଥିବା ସର୍ବେକ୍ଷଣରୁ ଏହା ଜଣାପଡ଼ିଛି । ସର୍ଭେ କରିଥିବା ଟିମ୍ ସଦସ୍ୟ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଏବେ ମଧୁମେହ ସମସ୍ୟା ବଢ଼ିବାରେ ଲାଗିଛି । ଏଥିପାଇଁ ଦୀର୍ଘ ସମୟ କାର୍ଯ୍ୟସ୍ଥଳରେ ରହିବା ଏବଂ ବର୍ଷୀୟା ୭,୦୬୫ କର୍ମଜୀବୀ ମହିଳାଙ୍କ ଉପରେ ୧୨ବର୍ଷ ଏହି ସର୍ଭେ ହୋଇଛି । କାର୍ଯ୍ୟ ସମୟକୁ ୧୫-୩୪, ୩୫-୪୦, ୪୧-୪୪ ଘଣ୍ଟା ଏବଂ ୪୫ଘଣ୍ଟାରୁ ଉର୍ଦ୍ଧ୍ୱ ଆଦି ଚାରିଭାଗ କରି ଅନୁଧ୍ୟାନ କରାଯାଇଥିଲା । ୪୫ଘଣ୍ଟାରୁ ଅଧିକ କାମ କରୁଥିବା ମହିଳାଙ୍କ ଠାରେ ମଧୁମେହ ଆଶଙ୍କା ଅଧିକ ଦେଖିବାକୁ ମିଳିଲା । ବିଶ୍ୱ ସ୍ତରରେ ଏକ ଆକଳନ ଅନୁଯାୟୀ ୨୦୩୦ ସୁଦ୍ଧା ୪୩୯ ନିୟୁତ ପ୍ରାପ୍ତବୟସ୍କ ଲୋକ ମଧୁମେହର ଶିକାର ହେବେ ।

## ଅନ୍ୟର ଦୁଃଖରେ ସମଭାଗୀ ହୁଅନ୍ତୁ



ଇଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି ସେ ଜଣେ କରୁଣାମୟ, ସହିଷ୍ଣୁ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ଅନ୍ୟର ସୁଖଦୁଃଖରେ ସାମତଳ ହେବା କିମ୍ବା ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ନିୟମିତ ମୁଖ୍ୟ କାମ। ଏକଦା ସେ ଜାଣିପାରିଲେ ଜୟରାମ ନାମକ ଦୟାଳୁ, ଦାନବୀର ଏବଂ ପରୋପକାରୀ ସଜ୍ଜନଙ୍କର ମୃତ୍ୟୁ ହୋଇଥିବା ପରେ ତାଙ୍କ ପତ୍ନୀଙ୍କ ପାଖରେ ଅନ୍ତିମ ଯାତ୍ରା ପାଇଁ ଅର୍ଥ ନଥିଲା। ବିଦ୍ୟାସାଗରୀ ଜୟରାମଙ୍କୁ ଜାଣିନଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ଅନ୍ତିମ କ୍ରିୟା ପାଇଁ ଆର୍ଥଭାବ ଥିବା ଜାରଣିବା ପରେ ବିଦ୍ୟାସାଗର ତାଙ୍କ ଘରର ଠିକଣା ଖୋଜି ସେଠାରେ ପହଂଚିଥିଲେ। ସେଠାରେ ଜୟରାମଙ୍କ ବିଧବା ପତ୍ନୀକୁ ବୁଝାଇବା ସହ ଶ୍ରଦ୍ଧାସୁମନ ଅର୍ପଣ କମରିବା ପାଇଁ କଡ଼ରେ ବସିଥିଲେ। ଜୟରାମଙ୍କ ଘରକୁ ଆସିଥିବା ଲୋକଳଙ୍କ ଭିଡ଼ କମିଲା ପରେ ସେ ସେ ପୁଣି ତାଙ୍କ ବିଧବା ପତ୍ନୀଙ୍କ ପାଖକୁ ଗଲେ। ତାଙ୍କୁ କହିଲେ ମୁଁ ଆଉ ଜୟରାମ ଖୁବ ଭଲ ବନ୍ଧୁଥିଲେ। ଦୁଇଜଣଯାକ ପରସ୍ପରର ସୁଖଦୁଃଖରେ ଠିଆ ହୋଇଥିଲୁ। ଏକଦା ମୁଁ ଅସୁବିଧାରେ ଥିବାବେଳେ ଜୟରାମଙ୍କ ଠାରୁ କିଛି ଅର୍ଥରାଶି ସାହାଯ୍ୟ ନେଇଥିଲି। ଆଜି ମୁଁ ସେହି ଅର୍ଥ ନେଇ ତାଙ୍କ ପାଖକୁ ଆସିବାବେଳେ ଏହି ଦୁଃଖଦ ସମାଚାର ମୋତେ ମିଳିଲା। ଏବେ ତ ସେ ଚାଲିଯାଇଛନ୍ତି, ଏହି ଅର୍ଥ ଆପଣ ହିଁ ରଖିଦଅନ୍ତୁ। ବାକି ଅର୍ଥ ମୁଁ ଧୀରେ ଧୀରେ ସୁଝିବେ। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ଅର୍ଥ ମାଁ ଧୀରେ ଧୀରେ ଶୁଝିଦେବି। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ସେ ଅର୍ଥକୁ ଧରିଲେ। ଭବିଷ୍ୟତରେ ବିଦ୍ୟାସାଗର ସେହି ମହିଳାଙ୍କୁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଅର୍ଥ ବିଧବା ପଠାଉଥିଲେ। ଅନେକ ବର୍ଷ ପରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ଏହି କାହାଣୀର ବାସ୍ତବତା ଜଣାପଡ଼ିଲା। ସେ ଏଭଳି ମିଛକୁ ନେଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ। ଆଉ ନିଜ ପୁଅ ସହ ମକି ବିଦ୍ରାଗରାଙ୍କ ଘରକୁ ଗଲେ, ସେଠାରେ ତାଙ୍କ ପାଦତଳେ ପଡ଼ି କାନ୍ଦିବାରେ ଲାଗିଲେ। ଆଉ କହିଲେ ଆପଣ ଆମର ଖରାପ ସମୟରେ ସାହାରା ହେଲେ। ଆମେ ଏହି ଋଣ କେମିତି ଶୁଝିବୁ ? ଏହା ଶୁଣି ବିଦ୍ୟାସାଗର କହିଲେ, ଭଉଣୀ ତୁମ ଆଖିର ଏହି ଲୁହ ସମସ୍ତ ଋଣୀ ଶୁଝି ସଦାରଖିଛନ୍ତି। ତେଣୁ ହୃଦୟରେ କୌଣସି ବୋଝ ନରଖି ଘରକୁ ଫେରିଯାଅ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
୪
୨୪ ମଇ ୨୦୨୪, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉଦାସୀନତା...

ଅଷ୍ଟାଦଶ ଲୋକସଭା ନିର୍ବାଚନର ମୋଟ ସାତ ଗୋଟି ପର୍ଯ୍ୟାୟ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ପାଞ୍ଚ ଗୋଟି ପର୍ଯ୍ୟାୟ ଶେଷ ହୋଇ ସାରିଲାଣି। ଅର୍ଥାତ୍ ଏହି ନିର୍ବାଚନର ଅଧିକାଂଶ ଭାଗ ସରିଲାଣି; ମୋଟ ୫୪୩ ଆସନ ମଧ୍ୟରୁ ୪୨୮ ଆସନ ପାଇଁ ଭୋଟରମାନେ ସେମାନଙ୍କର ମତଦାନ କରି ସାରିଲେଣି। ଆଉ ବାକି ରହିଛି ମାତ୍ର ଦୁଇ ଗୋଟି ପର୍ଯ୍ୟାୟ, ଯେଉଁଥିରେ ଅବଶିଷ୍ଟ ଆସନ ପାଇଁ ଭୋଟରମାନେ ସ୍ଥିର କରିବେ ସେମାନଙ୍କ ଭାଗ୍ୟ ବିଧାତାମାନଙ୍କୁ । ଭୋଟରମାନେ ବହୁ ସଂଖ୍ୟାରେ କିପରି ମତଦାନ କେନ୍ଦ୍ରମାନଙ୍କୁ ଆସି ସେମାନଙ୍କର ବହୁମୂଲ୍ୟ ଭୋଟ୍ ଦେଇ ଆଗାମୀ ପାଞ୍ଚ ବର୍ଷ ପାଇଁ ନେତା ନିର୍ବାଚନ କରିବେ, ସେଥିପାଇଁ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଅନେକ ପଦକ୍ଷେପ ମଧ୍ୟ ନେଇଛନ୍ତି। ପରନ୍ତୁ, ଏସବୁ ସତ୍ତ୍ୱେ ମତଦାନ ହାର ଆଶାନୁରୂପ ହୋଇନାହିଁ, ଯାହା ପ୍ରତିଫଳିତ ହୋଇଛି ଇସିଆଇଙ୍କ ବିବରଣୀରେ। କହିବା ବାହୁଲ୍ୟ, ଏହା ସମସ୍ତଙ୍କ ପାଇଁ ଏକ ଚିନ୍ତାର କାରଣ ପାଲଟିଛି। ପ୍ରଥମ ଚାରି ଗୋଟିଯାକ ପର୍ଯ୍ୟାୟ ସାମୂହିକ ଭାବରେ ୬୬.୯୫ ପ୍ରତିଶତ ମତଦାନକୁ ପ୍ରତ୍ୟକ୍ଷ କରିଥିବା ବେଳେ ସଦ୍ୟ ସମାପ୍ତ ପଞ୍ଚମ ପର୍ଯ୍ୟାୟରେ ତା'ଠାରୁ ମଧ୍ୟ କମ୍ ୬୦.୪ ପ୍ରତିଶତ ମତଦାନ ହୋଇଥିବା କମିଶନ ଦର୍ଶାଇଛନ୍ତି। ପଞ୍ଚମ ପର୍ଯ୍ୟାୟ ଆରମ୍ଭ ହେବା ପୂର୍ବରୁ ନିର୍ବାଚନ କମିଶନ ମତଦାତାମାନଙ୍କୁ ଅଧିକରୁ ଅଧିକ ସଂଖ୍ୟାରେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ପର୍ଯ୍ୟାୟରେ ମୁମ୍ବାଇ ଏବଂ ଲକ୍ଷ୍ନୌ ଭଳି କେତେକ ବଡ଼ ସହର ମଧ୍ୟ ସାମିଲ ଥିଲେ ନିର୍ବାଚନ ପ୍ରକ୍ରିୟାରେ । ସର୍ବାଧିକ ମତଦାନ ପକ୍ଷରେ ୭୬.୦୫ ପ୍ରତିଶତ ସହିତ ରହିଥିଲା ପଶ୍ଚିମବଙ୍ଗ। ଉପରୋକ୍ତ ମତଦାନ ହାରକୁ ବିବେଚନା କଲେ ବିଶ୍ୱର ସର୍ବାଧିକ ଜନସଂଖ୍ୟାବିଶିଷ୍ଟ ଗଣତନ୍ତ୍ରର ଜନନୀ କୁହାଯାଉଥିବା ଭାରତବର୍ଷ ପାଇଁ ଏହା ଏକ ଶୁଭ ସୂଚନା ବହନ କରି ଆଣୁଛି ବୋଲି କୁହାଯାଇ ପାରିବ କି, ଯାହା ଏବେ ବି ଏହି ଦେଶରେ ଏକ ଚାଲୁ ରହିଥିବା କାର୍ଯ୍ୟ। ଦେଶର ପାଖାପାଖି ଅଧା ସଂଖ୍ୟକ ମତଦାତା ଏହାର ଏକ ପ୍ରମୁଖ କାର୍ଯ୍ୟ– ନିର୍ବାଚନକୁ 'ନା' କହୁଥିବା ଏଥିରୁ ଅନୁମାନ କରାଯାଇପାରେ। ପଣ୍ଡିତମାନେ ଭୋଟରମାନଙ୍କର ଏପରି ଉଦାସୀନତାର ଅନେକଗୁଡ଼ିଏ କାରଣ ଦର୍ଶାଇବାକୁ ଅବଶ୍ୟ ଆଗେଇ ଆସିବେ, ଯାହା ହୁଏତ ମନରେ ରହିଥିବା ଧାରଣାଗୁଡ଼ିକଠାରୁ ଭିନ୍ନ ହେବ ଯେ ଫଳାଫଳ ସ୍ଥିର ହୋଇ ସାରିଛି ଏବଂ ସେମାନଙ୍କର ଭୋର କିଛି ମୂଲ୍ୟ ନାହିଁ ବା ତାହା କିଛି ବି ଫରକ ପକାଇବ ନାହିଁ ଏକ ବୁଝାମଣା ଉପରେ ଯେ ଭୋଟ୍ ଦେଲେ ବା ନଦେଲେ ସେମାନଙ୍କ ଜୀବନରେ କିଛି ପରିବର୍ତ୍ତନ ଘଟିବାକୁ ଯାଉଛି, ତେଣିକି ଫଳାଫଳ ଯାହା ବି ହେଉ ନା କାହିଁକି। ଏଭଳି ଚିନ୍ତାଧାରାଗୁଡ଼ିକ ବାବଦରେ 'ସହରାଞ୍ଚଳ ଉଦାସୀନତା' ଅନେକ କିଛି କରିବାକୁ ରହିଛି, ଯାହା ବିଷୟରେ ଇସି ସମ୍ପ୍ରତି ଚିନ୍ତିତ। ଏଭଳି ଭାବନାକୁ କମ୍ ସମୟ ଅବଧି ମଧ୍ୟରେ ବଦଳାଇବା ମଧ୍ୟ ସହଜ ନୁହେଁ। ତେବେ ସାରା ଦେଶରେ ଗ୍ରାମାଞ୍ଚଳଗୁଡ଼ିକରେ ଏକ ଉଲ୍ଲସିତ କରିବା ଭଳି ପରିବର୍ତ୍ତନ ଦେଖିବାକୁ ମିଳିଛି ଚଳିତ ଥର ମତଦାନ ପର୍ଯ୍ୟାୟଗୁଡ଼ିକରେ ଯେଉଁଠି ଲୋକମାନଙ୍କ ଦୈନନ୍ଦିନ ଜୀବନରେ ରାଜନୀତିକ ପ୍ରକ୍ରିୟାଗୁଡ଼ିକର ପ୍ରତିଫଳନ ଘଟିଥାଏ । ଏସବୁ ଅଞ୍ଚଳରେ ଲୋକମାନେ ବିଶ୍ୱାସ କରନ୍ତି ଯେ ଦେଶର ଗଣତାନ୍ତ୍ରିକ ସମ୍ବିଧାନ ପାଇଁ ସେମାନେ ଦାୟୀ ଏବଂ ସେଥିପାଇଁ ଦେଶକୁ ଚଳାଇବାରେ ସେମାନଙ୍କର ଏକ ଅବଦାନ ରହିଛି । ସେମାନେ ବିଶ୍ୱାସ କରନ୍ତି ଯେ ରାଜନୀତିକ ଦଳମାନେ ସେମାନଙ୍କ ନିକଟରେ ଉତ୍ତରଦାୟୀ ଏବଂ ସେମାନଙ୍କର ଭୋଟ୍ ହେଉଛି ଏକ ସାଧନ, ଯାହା ସେମାନଙ୍କର ବାର୍ତ୍ତାକୁ ରାଜନେତାମାନଙ୍କ ନିକଟରେ ପହଞ୍ଚାଇ ପାରିବ। ସେମାନଙ୍କୁ ସେମାନଙ୍କର ଉଦାସୀନତାକୁ ପରିହାର କରିବା ନିମନ୍ତେ କହିବାର ଆବଶ୍ୟକତା ନାହିଁ; ସେମାନେ ଜାଣିଛନ୍ତି ଯେ ସେମାନଙ୍କ ଚାରିପଟେ ଯାହାସବୁ ଘଟି ଚାଲିଛି, ସେଥିପତି ସେମାନେ ଉଦାସୀନ ବା ନିର୍ବିକାର ରହି ପାରିବେ ନାହିଁ । ସେଇମାନେ ହିଁ ହେଉଛନ୍ତି ଆମ ଗଣତାନ୍ତ୍ରିକ ନିର୍ବାଚନ ଇତିହାସରେ ରାଜନୀତିକ ଶକ୍ତି, ଯେଉଁମାନେ ଆମର ଆତ୍ମ-ସ୍ୱାର୍ଥୀ, ଆତ୍ମ-ସେବୀ ରାଜନେତାମାନଙ୍କୁ ଗଣତାନ୍ତ୍ରିକ ଶାସନରେ ପୁନଶ୍ଚର୍ଯ୍ୟା ପାଠ୍ୟକ୍ରମ ବା ରିଫ୍ରେସର କୋର୍ସ୍ କରିବା ପାଇଁ ପଠାଉଛନ୍ତି । ଏକ ରାଷ୍ଟ୍ର ଭାବରେ ଭାରତ ନିଜର ଗଣତନ୍ତ୍ରକୁ ବଞ୍ଚାଇ ରଖିବା ପାଇଁ ଏଇମାନଙ୍କ ନିକଟରେ କୃତଜ୍ଞ ବୋଲି କହିବା ଅତିଶୟୋକ୍ତି ହେବନାହିଁ । ପରିଶେଷରେ, କାଶ୍ମୀର ପରିପ୍ରେକ୍ଷୀକୁ ବିଚାରକୁ ନେଲେ ବାରାମୁଲାରେ ମତଦାନର ହାର ବଢ଼ିଥିବା ଅବଶ୍ୟ ଏକ ସୁଖବର। ଗତ ତିନି ଦଶନ୍ଧି ମଧ୍ୟରେ ଚଳିତ ଥର ଏଠାରେ ଏହି ହାର ସର୍ବାଧିକ ୫୮.୧୭ ପ୍ରତିଶତ ହେବା କିଛି କମ୍ କଥା ନୁହେଁ । ଏହାର ଅର୍ଥ, କାଶ୍ମୀରର ଭୋଟରମାନେ ସେମାନଙ୍କ ପସନ୍ଦର କଥା କହିବାକୁ ଆଗେଇ ଆସିଛନ୍ତି । ଏଠାକାର ଲୋକମାନଙ୍କୁ ନିର୍ବାଚନରେ ସେମାନଙ୍କର ନିହତା ପ୍ରଦର୍ଶନ କରୁଥିବା କହି ଅନେକ ଥର ସମାଲୋଚନା କରାଯାଇଛି, କିନ୍ତୁ ସେମାନେ ପ୍ରମାଣିତ କରି ଦେଖାଇ ଦେଇଛନ୍ତି ଯେ ସୁଯୋଗ ପ୍ରଦାନ କରାଗଲେ, ସେମାନେ ତାକୁ ହାତଛଡ଼ା କରିବେ ନାହିଁ । ସମୟ ଉପଗତ ହୋଇଛି, କେନ୍ଦ୍ରରେ ଗଠିତ ହେବାକୁ ଯାଉଥିବା ନୂତନ ସରକାର, ସେମାନଙ୍କର ଏହି ମନୋଭାବକୁ ବୁଝି ସେମାନଙ୍କୁ ଜାତୀୟ ମୁଖ୍ୟସ୍ରୋତକୁ ଆଣିବା ନିମନ୍ତେ ପଦକ୍ଷେପ ନେବା ଉଚିତ। ଆଉ ଏଥପାଇଁ ଏହି ରାଜ୍ୟରେ ବିଧାନସଭା ନିର୍ବାଚନ କରାଇବା ହେଉଛି ଏକ ପ୍ରାରମ୍ଭିକ ପଦକ୍ଷେପ।

# ଗଣତନ୍ତ୍ରର ମହାନ ପର୍ବରେ ଆମ୍ଭେମାନେ

### ଶ୍ରୀ ପରେଶ ରାୟ ମହାପାତ୍ର

ଗଣତନ୍ତ୍ରର ମହାନ ଓ ପବିତ୍ର ପର୍ବ ଭୋଟ ପର୍ବ ବା ମତଦାନ ପର୍ବ । ଏହା ପର୍ଯ୍ୟାୟକ୍ରମେ ରୂପ ନିଏ । ବ୍ୟବସ୍ଥିତ ଢଙ୍ଗରେ ନିଜକୁ ସୁଦୃଢ କରେ । ପ୍ରସ୍ତୁତି ପର୍ବ ଅମଲାତନ୍ତ୍ର ତୁଲାଇ ଥାଏ। ସୂଚନା ଓ ତଥ୍ୟ ଯୋଗାନ୍ତି ଜନସାଧାରଣ । ତଥ୍ୟ ଗ୍ରହଣ କରିଥାନ୍ତି ଗ୍ରାମ ଓ ପଞ୍ଚାୟତ ସ୍ତରୀୟ କାର୍ଯ୍ୟରତ ଅଳ୍ପ ବେତନଭୋଗୀ କର୍ମଚାରୀ, ତଦାରକ କରିଥାନ୍ତି ଜିଲ୍ଲାପାଳ ବା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ । ଏଥିପାଇଁ ସ୍ୱତନ୍ତ୍ର କକ୍ଷ ଖୋଲାଯାଇଥାଏ । ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନ ଓ କେନ୍ଦ୍ର ମୁଖ୍ୟ ନିର୍ବାଚନ କମିଶନ ଆମ ସମ୍ବିଧାନ ସହ ସମନ୍ୱୟ ରକ୍ଷା କରି ମତଦାନ କାର୍ଯ୍ୟକୁ ପରିଚାଳନା କରି ସମ୍ପାଦନ କରିଥାନ୍ତି । ସରକାରଙ୍କ ଅନେକ ସରକାରୀ କଳ, ଦିନ ରାତି ଏକ କରି ଦାୟିତ୍ୱ ତୁଲାଇ ଦେଶ ସେବା ବୋଲି ଭାବି ପବିତ୍ର ମନରେ, ନିଷ୍ଠାରେ, ନିର୍ବାଚନ ରଣକ୍ଷେତ୍ରଟିକୁ ପ୍ରସ୍ତୁତ କରିଥାନ୍ତି। ବର୍ତ୍ତମାନ ଉକ୍ତ ଗଣତାନ୍ତ୍ରିକ ପଦ୍ଧତି ଏକ ପର୍ବ ବୋଲି ସାଧାରଣରେ ମତ ପ୍ରକାଶ ପାଇଲାଣି । ବିଦେଶୀମାନେ ଭାରତୀୟ ଗଣତନ୍ତ୍ରର ନିର୍ବାଚନକୁ ଦେଖିବା ପାଇଁ ଏଠାରେ ଅତିଥି ହେଉଛନ୍ତି । ପ୍ରାୟ ଆନୁମାନିକ ୯୮.୮୮ କୋଟି ଉପର ଭୋଟରକୁ ନେଇ ଭାରତ ସରକାର ଗଢୁଛି। ତାହା ପୁଣି ସହଜ, ସରଳ ଇଲେକ୍ଟ୍ରୋନିକ ଭୋଟିଂ ମେସିନ ମାଧ୍ୟମରେ ସ୍ୱଚ୍ଛତା ସହ ଗଠନ ହେଉଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଏକ ଜାତୀୟ ଚେତନା - ଜାତୀୟ ଭାବନାକୁ ନେଇ ନିର୍ବାଚନ ପର୍ବରେ ସାମିଲ ହୋଇଥାନ୍ତି । ଏଇଟା ହିଁ ନିର୍ବାଚନର ମହତ୍ତ୍ୱ ରଖେ ।

ସର୍ବ ପ୍ରଥମେ ନିର୍ବାଚନ କମିଶନର ପ୍ରାକ୍ ନିର୍ବାଚନ କାର୍ଯ୍ୟ ଭୋଟର ତାଲିକା ସଂଶୋଧନ, ସରକାରୀ କର୍ମଚାରୀଙ୍କ ସଂଖ୍ୟା ଆକଳନ, ଆରକ୍ଷୀ ବାହିନୀଙ୍କ ସେବାର ସାମର୍ଥ୍ୟ ଦେଶର ଅର୍ଥନୈତିକ ଅବସ୍ଥା ଉପଯୁକ୍ତ ସମୟର ସଦ୍‌ଯୋଗ ଓ ଏକ ନିର୍ବିବାଦୀୟ ଭୋଟ ଦେବା ସମୟକୁ ଆକଳନ କରିଥାନ୍ତି।

ପରବର୍ତ୍ତୀ କାର୍ଯ୍ୟ ନିର୍ବାଚନ କମିଶନର ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ପାଇଲା ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ବାଚନ ଦିନ ଧାର୍ଯ୍ୟ କରି ନିଜ ହାତକୁ କ୍ଷମତା ନେଇଥାଆନ୍ତି । ଆମ ସମ୍ବିଧାନରେ ନିର୍ବାଚନ ବିଷୟ ଧାରା - ୩୨୪ରେ ନିର୍ବାଚନର ସମସ୍ତ ସୂଚନା ଲିପିବଦ୍ଧ ଅଛି। ଯଦି କେହି ଉପେକ୍ଷା କରେ ତାହା ନ୍ୟାୟପାଳିକା ଦ୍ୱାରା ମୁଖ୍ୟ ବିଚାରାଳୟ ଦିଲ୍ଲୀରେ ବିଚାର ହୋଇ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ । କାର୍ଯ୍ୟପାଳିକା ଉକ୍ତ ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟରେ ଲଗାଇ ଥାଆନ୍ତି ।

ନିର୍ବାଚନ ଅଧିକାରୀ ତାରିଖ ଘୋଷଣା ପରେ ପ୍ରକୃତ ନିର୍ବାଚନ ପର୍ବ ରାଜ୍ୟ ନିର୍ବାଚନରେ ରାଜ୍ୟରେ, କେନ୍ଦ୍ର ନିର୍ବାଚନରେ କେନ୍ଦ୍ର ଅଧିନିୟମରେ ପାଳନ ହୋଇଥାଏ । ବର୍ତ୍ତମାନ ପ୍ରାର୍ଥି ଚୟନ ରାଜନୈତିକ ଦଳମାନେ ସମର୍ଥକଙ୍କୁ ନେଇ ମସୁଧା କରି ଗଣମାଧ୍ୟମ ସାମନାରେ ପ୍ରାର୍ଥୀର ନାମ ଘୋଷଣା କରୁଛନ୍ତି । ପାରମ୍ପରିକ ଢୋଲ, ଶଙ୍ଖ, ଧୂମ୍‌ସା, ମାଦଳ, ନାଚ ଗୀତ ପରିଧାନରେ ଉଚ୍ଛସିତ ସମର୍ଥନ ଦଳ ତରଫରୁ ଦେଇ ପ୍ରାର୍ଥୀକୁ ନିର୍ବାଚନ ମଣ୍ଡଳୀକୁ ପାଛୋଟି ନେଇ ଯାଉଛନ୍ତି ।

ଆଜିର ଏଇ ବ୍ୟୟ ବହୁଳ ନିର୍ବାଚନ ଖର୍ଚ୍ଚରେ ମୁକ୍ତ ଅବାଧ ଓ ନିରପେକ୍ଷ ନିର୍ବାଚନ ହେବା କଷ୍ଟ ସାଧ । କିନ୍ତୁ ଡିଣ୍ଡିମ ବାଜେ ସବୁ ମୁକ୍ତ ଓ ନିରପେକ୍ଷରେ କରାଯାଉଛି ।

ପ୍ରାର୍ଥୀମାନଙ୍କର ନୋମିନେସନ ଦାଖଲ ଠାରୁ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଖର୍ଚ୍ଚ ସୀମା ଟପିଥାଏ । ଗାଡି ଘୋଡା, ଖାଦ୍ୟ ପେୟ ଜାକ ଜମକ ନ ହେଲେ ସାଥିରେ ଭୋଟର ରହିବେ ନାହିଁ ବୋଲି ସାଧାରଣ ଜନତା ଓ ନେତାଙ୍କର ମାନସିକତା ହୋଇଗଲାଣି । ନେତାଙ୍କ ପୋଷାକ ପରି କର୍ମୀଙ୍କର ପୋଷାକ ଓ ପରିପାଟି ହୋଇଗଲାଣି । କର୍ମୀର ପୋଷାକ ହିଁ କର୍ମୀର ଦଳୀୟ ପରିଚୟ । ନିର୍ବାଚନ ମାହୋଲରେ ଜନତାର ଦାରିଦ୍ରତା ଦେଖା ପଡେ ନାହିଁ । ବରଗଡ ରଙ୍ଗମଞ୍ଚ ପରି ଦେଶ ଓ ରାଜ୍ୟ ସଜେଇ ହୁଏ । ଦିଲ୍ଲୀରୁ ପଲ୍ଲୀ ଦଳୀୟ ପତକା, ହୁଡ୍ ଓ ବେନରରେ ରଙ୍ଗୀନ ଦେଖାଯାଏ । ରାଜ ରାସ୍ତା ଓ ସହର ପୋଲିସ ଛାଉଣୀ ହୁଅନ୍ତି । ରାଜକୋଷରୁ ଯେତେ ପଇସା ଖର୍ଚ୍ଚ ହୁଏ ତା ଠାରୁ ଢେର ହିସାବ ବର୍ହିଭୂତ ପଇସା ବା ଟ୍ୟାକ୍ସଫାଙ୍କି ପଇସା ଦେଶର ଖର୍ଚ୍ଚ ହୁଏ । ଏ ସବୁର ରୋକ୍ ଲାଗିବା ଦରକାର ।

ଶେଷରେ ଦେଶର ନେତା ଓ ଜନତାଙ୍କୁ ସାଧାରଣ ନାଗରିକଟିଏର ଅନୁରୋଧ ଆମେ ସମସ୍ତେ ନିର୍ବାଚନର ଆଚରଣ ବିଧି ସଙ୍ଗୀତାକୁ ମାନି ଚଳିବା ଉଚିତ୍ । ଆମ ରେଭିନ୍ୟୁ ଆମ ଅର୍ଥ ଆମ ପାଇଁ ଦେଶ ସୁରକ୍ଷା ପାଇଁ ଆମ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଅର୍ଥ ନୀତିର ବିକାଶ ପାଇଁ ଖର୍ଚ୍ଚ ହେବା ଉଚିତ୍ । ତେବେ ଆମେ ଏକ ପ୍ରଗତିଶୀଳ ରାଷ୍ଟ୍ର ପାଇପାରିବା । ପୃଥିବୀର ଅନ୍ୟ ରାଷ୍ଟ୍ରର ମାର୍ଗ ଦର୍ଶକ ବା ବିଶ୍ୱ ଗୁରୁ ହୋଇପାରିବା । ଦରକାର ନାହିଁ ଆମର ଅର୍ଥହୀନ ଆଡମ୍ବରପୂର୍ଣ୍ଣ ନିର୍ବାଚନ ପଦ୍ଧତି । ନିର୍ବାଚନରେ ଯୋଗ୍ୟ ପ୍ରାର୍ଥୀ ଚୟନ ଏକ ମାତ୍ର ଲକ୍ଷ୍ୟ ।


+ସା/ପୋ.ଅ - ରାଜମୁକୁନ୍ଦପୁର,
ଜିଲ୍ଲା - ଭଦ୍ରକ


# ଗଣତନ୍ତ୍ରର ମହାପର୍ବ : ଆମ ସାମ୍ବିଧାନିକ ଦାୟିତ୍ୱ ଦିବସ

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଭାରତର ଅଷ୍ଟାଦଶ ସାଧାରଣ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ତଥା ଓଡ଼ିଶାରେ ଭୋଟଦାନ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇଯାଇଛି ଭାରତୀୟ ଗଣତନ୍ତ୍ରର ଏହି ନିର୍ବାଚନ ମହୋତ୍ସବ ବିଶ୍ୱର ସର୍ବବୃହତ୍। ଯଦି ଗଣତନ୍ତ୍ରର ଏକମାତ୍ର ମୁଖ୍ୟ ଅଙ୍ଗ ନିର୍ବାଚନ ନୁହେଁ, ତଥାପି ଏତେ ବିଶାଳ ଆକାରରେ ମୁକ୍ତ ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା ଭାରତୀୟ ଗଣତନ୍ତ୍ର ପାଇଁ ସାରା ବିଶ୍ୱରେ ଏକ ମହନୀୟ ପରିଚୟ ସୃଷ୍ଟି କରିପାରିଛି। ଆମ ଭାରତ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ଭୋଟ ଦାନ ବ୍ୟବସ୍ଥାରେ ନାଗରିକମାନେ ନିଜ ପ୍ରତିନିଧିମାନଙ୍କୁ ନିର୍ବାଚିତ କରିଥାନ୍ତି। ଗଣତନ୍ତ୍ରର ଜୀବନରେଖା କହିଲେ ଏହା ଅତ୍ୟୁକ୍ତି ହେବନାହିଁ। ରାଜନୈତିକ ପୃଷ୍ଠଭୂମିକୁ ଦେଖିଲେ ଏହି ଗଣତନ୍ତ୍ର ବ୍ୟବସ୍ଥାର ମହାନ ଗଣପର୍ବ ନାଗରିକର ଅଧିକାର ଓ ସମ୍ମିଳିତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିଥାଏ। ଐତିହାସିକ ତଥ୍ୟ ଅନୁଯାୟୀ ଗ୍ରୀସ୍ ହେଉଛି ଗଣତନ୍ତ୍ରର ଜନନୀ ଓ ୫୦୮ ଶତାବ୍ଦୀରେ ଗଣତାନ୍ତ୍ରିକ ଆଧାର ବ୍ୟବସ୍ଥାରେ ଶାସନ ବ୍ୟବସ୍ଥା ପରିଚାଳନା ହୋଇଥିଲା। ଅନେକ ହୁଏତ ଜାଣି ନଥିବେ ଯେ ୧୯୨୦ରୁ ଅର୍ଥାତ୍ ସ୍ୱାଧୀନତାର ପୂର୍ବରୁ ବ୍ରିଟିଶ ଶାସନ ସମୟରେ ନିର୍ବାଚନର ଆରମ୍ଭ ହୋଇଥିଲା। ତତ୍କାଳୀନ ସମୟରେ ଭାରତ ବିଭିନ୍ନ ପ୍ରଦେଶକୁ ନେଇ ଗଠିତ ହୋଇଥିଲା ଓ ରାଜାରାଜୁଡ଼ା ତଥା ପୁରୁଣା ଶାସନ ବ୍ୟବସ୍ଥା ଦ୍ୱାରା ଏହା ସମ୍ପାଦିତ ହୋଇଥିଲା। ତେବେ ବ୍ରିଟିଶ ଇଣ୍ଡିଆ ଶାସନାଧୀନ ଅଞ୍ଚଳକୁ ଏକ ସମନ୍ୱିତ ଢଙ୍ଗରେ ପରିଚାଳନା କରିବାକୁ ୧୯୨୦ରେ ପ୍ରାଦେଶିକ ବିଧାନସଭା ଯାହାକୁ ପ୍ରୋଭିନସିଆଲ ଲେଜିସ୍‌ଲେଟିଭ୍ ଓ ରାଜାରାଜୁଡ଼ା ବା ଇମ୍ପେରିଆଲ ଲେଜିସ୍‌ଲେଟିଭ ପାଇଁ ନିର୍ବାଚନ ପରିଚାଳନା ହୋଇଥିଲା। ଯେଉଁଥିରେ ମୋଟ୍ ୧୦୪ଟି ଆସନ ପାଇଁ ମତଦାନର ବ୍ୟବସ୍ଥା ରହିଥିବା ବେଳେ ୬୬ଟି ଆସନ ନିର୍ବାଚନ ପ୍ରତିଦ୍ୱନ୍ଦିତା ପାଇଁ ଦରକାର ହୋଇଥିଲା। ଅବଶିଷ୍ଟାଂଶ ୩୮ଟି ଆସନ ଇଉରୋପୀୟ ଚାୟର ଅଫ୍ କର୍ମସର ସଭ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏହାପରେ ଇଂରେଜମାନଙ୍କ ଦ୍ୱାରା ତିଆରି ହୋଇଥିବା ଭାରତ ସରକାରଙ୍କ ଆଇନ ୧୯୩୫ ଅନୁସାରେ କିଛି କେନ୍ଦ୍ରୀୟ ଓ ପ୍ରାଦେଶିକ ବିଧାନସଭା ପାଇଁ ୧୯୩୭ ଓ ୧୯୪୬ରେ ନିର୍ବାଚନ ହୋଇଥିଲା। ଯେଉଁଥିରେ ଆଶ୍ଚର୍ଯ୍ୟଜନକ ଭାବେ ଭାରତ ମୋଟ ତମାମ ଜନସଂଖ୍ୟାର ମାତ୍ର ୧୪% ନାଗରିକ ଏଥିରେ ଅଂଶଗ୍ରହଣ କରି ନିଜ ଭୋଟ୍ ଅଧିକାର ସାବ୍ୟସ୍ତ କରିଥିଲେ।

ଚଳିତଥରର ପ୍ରଥମ ତିନି ପର୍ଯ୍ୟାୟର ମତଦାନ ହାରକୁ ଲକ୍ଷ୍ୟ କଲେ ପାଖାପାଖି ଚାଳିଶ ପ୍ରତିଶତ ମତଦାତା ଓ ତହିଁରୁ ଅଧିକାଂଶ ସହରାଞ୍ଚଳ ମତଦାତା ଭୋଟ ଦେବାକୁ ଯାଉନଥିବା ଜଣାପଡୁଛି। ଅବଶ୍ୟ ଏଥର ଆସାମ ଭଳି ରାଜ୍ୟରେ ମତଦାନ ହାର ଏ ପର୍ଯ୍ୟନ୍ତ ଅଶୀ ପ୍ରତିଶତରୁ ବି ଅଧିକ ହୋଇଛି। ସହରାଞ୍ଚଳର ସମ୍ପନ୍ନ ଓ ଶିକ୍ଷିତ ବର୍ଗର ଭୋଟରମାନେ ଭୋଟ ଦେବାକୁ ହୁଏତ ସମ୍ମାନଜନକ ବୋଲି ବିଚାର କରୁ ନାହାନ୍ତି କିମ୍ୱ ଗ୍ରୀଷ୍ମ ଋତୁର ପ୍ରଭାବରେ ଘରୁ ବାହାରିବାକୁ ସୁରକ୍ଷିତ ମନେ କରୁନାହାଁନ୍ତି। କିନ୍ତୁ ଏହା ଭାରତର ସୁସ୍ଥ ଗଣତନ୍ତ୍ର ପାଇଁ ଆଦୌ ଶୁଭକାରକ ନୁହେଁ। ଭୋଟଦାନ ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର ତଥା ରାଷ୍ଟ୍ରୀୟ କର୍ତ୍ତବ୍ୟ। ଭୋଟ ଗ୍ରହଣ ଦିନଟିକୁ ଛୁଟିଦିନ ଭାବରେ ବିବେଚନା କରି ଏଭଳି ମୌଳିକ ଅଧିକାର ଓ ରାଷ୍ଟ୍ରୀୟ କର୍ତ୍ତବ୍ୟବୋଧକୁ ଅବହେଳା କରିବା ନିନ୍ଦନୀୟ। ଦେଶରେ ରାଜନୀତି ଓ କ୍ଷମତା ସଂଘର୍ଷ ଯେତେ ଅଶାଳୀନ ଓ ଅସ୍ୱଚ୍ଛ ହେଲେ ମଧ୍ୟ ଜନାଦେଶ ସାବ୍ୟସ୍ତ କରିବାର ସାର୍ବଭୌମ ଦାୟିତ୍ୱକୁ ଅବହେଳା କରିବା ଆଦୌ ଶୋଭନୀୟ ନୁହଁ। ଆପଣମାନଙ୍କର ମନେଥିବ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଟି ଏନ ଶେଷାନ ଓଡ଼ିଶା ନିର୍ବାଚନ ଗସ୍ତରେ ଆସି ଭୁବନେଶ୍ୱର ଠାରେ କହିଥିଲେ ଯେ ଲୋକ ପ୍ରତିନିଧି ନିର୍ବାଚନ ଏକ ପବିତ୍ର ଦାୟିତ୍ୱ। ଆମେ ନିଜର ବହୁମୂଲ୍ୟ ଭୋଟ ଦେବାକୁ ଗଲାବେଳେ ଜଣେ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛିବା ଉଚିତ, ଯେଉଁଭଳି ଆମେ ପୁତ୍ର ବା କନ୍ୟାର ବିବାହ ପାଇଁ ଉପଯୁକ୍ତ ପାତ୍ର ବା ପାତ୍ରୀଟିଏ ଖୋଜୁଥାଉ। ସତରେ ଏ ବିବୃତ୍ତିରେ ଏକ ନିଷ୍ଠାପର ଦେଶପ୍ରେମୀ ନାଗରିକ ସାମ୍ବିଧାନିକ ଦାୟିତ୍ୱର ନିଷ୍କର୍ଷ ସ୍ପଷ୍ଟ ବାରିହୁଏ।

ବିଶେଷକରି ଚତୁର୍ଥ ପର୍ଯ୍ୟାୟ ଓ ବଳକା ଆଉ ବଳକା ଦୁଇ ପର୍ଯ୍ୟାୟର ଭୋଟଦାନ ପାଇଁ ସମ୍ପୃକ୍ତ ଅଞ୍ଚଳର ନାଗରିକମାନେ ବହୁ ସଂଖ୍ୟାରେ ଆସି ମତଦାନ କରିବା ଆବଶ୍ୟକ। ଏପରିକି କୌଣସି ପ୍ରାର୍ଥୀ ନିଜର ମନୋନୀତ ନ ହେଲେ ଭୋଟ କେନ୍ଦ୍ରକୁ ଆସି ନୋଟାରେ ତ ଭୋଟ ଦେଇପାରିବେ। ଜଣେ ସାର୍ବଭୌମ ଭୋଟରର ଅଧିକାର ପ୍ରତୀକ ଅଙ୍ଗୁଠି ପଛପଟେ ଅଲିଭା କାଳିଦାଗର ମର୍ଯ୍ୟାଦା ଆସ୍ୱାଦନ ପାଇଁ ଭୋଟକେନ୍ଦ୍ରକୁ ଯିବା ଆବଶ୍ୟକ। ଆମର ଓଡ଼ିଶାର ଭୋଟର ଭାଇଭଉଣୀ ଓ ବିଶେଷ କରି ପ୍ରଥମ ଥର ଭୋଟର ଦାୟିତ୍ୱରେ ପାଇଥିବା ଯୁବବର୍ଗଙ୍କୁ ଅନୁରୋଧ ଯେ ସର୍ବାଧିକ ସଂଖ୍ୟାରେ ମତଦାନ କରି ରାଜ୍ୟର ବିକାଶ ପ୍ରକ୍ରିୟାକୁ ଅଧିକରୁ ଅଧିକ ସଶକ୍ତ କରାନ୍ତୁ। ନିର୍ବାଚନ କମିଶନ୍ ଅଧିକରୁ ଅଧିକ ସଂଖ୍ୟାରେ ମତଦାତାଙ୍କୁ ଭୋଟ ଦେବା ପାଇଁ ଉତ୍ସାହିତ କରିବାକୁ ଅନେକ ଗୁଡ଼ିଏ ପ୍ରେରଣାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଅନେକ ସ୍ଥାନରେ ଘରୋଇ ବ୍ୟବସାୟିକ ଅନୁଷ୍ଠାନମାନେ ମଧ୍ୟ ଭୋଟ ଦାନକୁ ଉତ୍ସାହିତ କରିବା ପାଇଁ ବିଜ୍ଞାପନ ତଥା ଲଟେରି ପୁରସ୍କାରର ଘୋଷଣା କରିଛନ୍ତି।

ବ୍ୟାପକ ପଦକ୍ଷେପ ସତ୍ତ୍ୱେ ଭୋଟହାର ବୃଦ୍ଧି ନପାଇବା ବାସ୍ତବିକ ଏବେ ଏକ ସାମାଜିକ ଆହ୍ୱାନ ଭାବେ ପରିଗଣିତ ହେଲାଣି। ୨୦୧୪ ଓ ୨୦୧୯ରେ ଏକା ସମୟରେ ଲୋକସଭା ଓ ବିଧାନ ସଭା ନିର୍ବାଚନ ହୋଇଥିବାରୁ ଓଡ଼ିଶାରେ ମତଦାନ ହାର ୭୩%ରେ ସୀମିତ ଥିଲା। ୨୦୧୯ରେ ୫୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ରାଜ୍ୟ ହାର ଠାରୁ କମ ରହିଥିବାବେଳେ ୨୩ ବିଧାନସଭା କ୍ଷେତ୍ରରେ ଜାତୀୟ ହାର ଠାରୁ କମ ରହିଥିଲା। ସେହିପରି ୮ଟି ଲୋକସଭା କ୍ଷେତ୍ରରେ ମତଦାନ ହାର ରାଜ୍ୟ ହାର ଠାରୁ ମଧ୍ୟ କମ ରହିଥିଲା। ଏପରିକି ରାଜଧାନୀ ଭୁବନେଶ୍ୱରରେ ମତଦାନ ହାର ୫୦%ରୁ କମ ଥିଲା। ଖୋଦ ରାଜଧାନୀରେ ମତଦାନ ହାର ଅଧାରୁ କମ ରହୁଥିବାବେଳେ ରାଜ୍ୟରେ ଅନ୍ୟ ସହର କିମ୍ବା ଜିଲ୍ଲାରେ ମତଦାନ ହାରରେ ଅଭିବୃଦ୍ଧି ଆଣିବା କିଛି କମ କଷ୍ଟସାଧ ନୁହେଁ। ଜନ ସଚେତନତା ଓ ଦାୟିତ୍ୱବୋଧତା ହିଁ ଗଣତନ୍ତ୍ରର ମହାନ ପର୍ବରୁ ସାଫଲ୍ୟ ମଣ୍ଡିତ କରିପାରିବ। ସେଥିପାଇଁ ପ୍ରତିବର୍ଷ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ରାଜ୍ୟରେ ମତଦାନ ହାର ବୃଦ୍ଧି କରିବା ଲକ୍ଷ୍ୟରେ ଯୋଜନାବଧ ଭାବେ ସଚେତନତା ପାଇଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନେବା ଲାଗି ଜିଲ୍ଲା ନିର୍ବାଚନ ଅଧିକାରୀ, ବ୍ୟବସ୍ଥିତ ଶିକ୍ଷା ଓ ନିର୍ବାଚନରେ ଅଂଶ ଗ୍ରହଣ (ଏସ୍‌ଭିଇଇପି) ନୋଡାଲ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯୁବ, ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଭୋଟମାନଙ୍କ ସୁବିଧା ସୁନିଶ୍ଚିତ କରାଯାଇଛି। ତେଣୁ ଏଥର ମତଦାନ ହାର ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟରେ ଏଥର ୩.୩୨ କୋଟି ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରିବେ। ତେବେ ଗୁରୁତ୍ୱପୂର୍ଣ୍ଣ ହେଉଛି ଏଥର ୧୮-୧୯ ବର୍ଷ ମଧ୍ୟରେ ଭୋଟରଙ୍କ ସଂଖ୍ୟା ପୂର୍ବାପେକ୍ଷା ଦୁଇ ଲକ୍ଷ ବୃଦ୍ଧି ପାଇ ୭.୫୫ ଲକ୍ଷ୍ୟରେ ପହଞ୍ଚିଛି। ପ୍ରଥମ ଥର ମତଦାନ ପାଇଁ ୪.୭ ଲକ୍ଷ (୧୮-୧୯ ବର୍ଷ) ନୂଆ ଭୋଟରଙ୍କୁ ଯୋଡ଼ାଯାଇଛି। ନୂଆ ଭୋଟର ମଧ୍ୟ ମତଦାନ ହାର ବୃଦ୍ଧିରେ ବଡ଼ ଭୂମିକା ନେବେ ବୋଲି ଆଶା କରାଯାଉଛି। ତେଣୁ ୨୦୨୪ ନିର୍ବାଚନରେ ଓଡ଼ିଶା ନୂଆ ମତଦାନ ହାର ଦେଖିବା ସମ୍ଭାବନା ଉଜ୍ଜ୍ୱଳ ବୋଲି କୁହାଯାଇଛି। ଦେଶରେ ମୁକ୍ତ ଓ ଅବାଧ ନିର୍ବାଚନା ପରିଚାଳନା ହେଉଥିବା ବେଳେ ପ୍ରତ୍ୟେକ ନାଗରିକ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ଆଗେଇ ଆସିବା ଉଚିତ। ଭାରତର ଏହି ମହାନ ଗଣପର୍ବରେ ଆସନ୍ତୁ ଆମେ ସମସ୍ତେ ସାମିଲ ହୋଇ ଆମ ମୂଲ୍ୟବାନ ଭୋଟଟି ପ୍ରଦାନ କରିବା।

ଅବଶ୍ୟ ଯଦି ସତରଟି ସାଧାରଣ ନିର୍ବାଚନ ପରେ ମଧ୍ୟ ଭାରତର ମତଦାତା ଉତ୍ସାହବାଣୀ, ପ୍ରେରଣାଦାୟୀ କାର୍ଯ୍ୟକ୍ରମ ତଥା ପୁରସ୍କାର ଆଦିର ଆବଶ୍ୟକତା ପଡୁଛି ତାହା ହେଲେ ଆମ ହୃଦୟରେ ଗଣତନ୍ତ୍ରର ସ୍ଥାନ ଏବେ ବି ଦୃଢ଼ ହୋଇନାହିଁ ବୋଲି ଭାବିବାକୁ ପଡ଼ିବ। ଦେଶ ଆମର, ରାଜ୍ୟ ଆମର, ଶାସନ ପ୍ରଶାସନ ଆମର ଏବଂ ଭୋଟ ପ୍ରାର୍ଥୀ, ରାଜନୈତିକ ଦଳ ମାନଙ୍କୁ ସାମୟିକ ପ୍ରତିନିଧିତ୍ୱ ଦେଇ ଆମେ ନାଗରିକ ସମୂହ ନିଜର ସାର୍ବଭୌମତ୍ୱ ଜାହିର କରୁଥାଇଁ ବୋଲି ଆଉ କେବେ ହୃଦୟଙ୍ଗମ ହେବ?


+ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


## କବିତା କୋଣାର୍କ

### ସତ୍ୟ ବଚନ

**ଗଦାଧର ସାହୁ**



ନୀଳବର୍ଣ୍ଣ କେବେ
ଶୃଗାଳ ନୁହଁଇ
ମାଟିଆ ରଙ୍ଗ ତାହାର,
ଜୀବନ ବିକଳେ
ଧାଉଁ ଧାଉଁ ନୀଳ
କୁଣ୍ଡେ ପଡି ରୂପାନ୍ତର ।

ରଙ୍ଗ ବୋଲି ହେଲେ
ରୂପ ବଦଳଇ
ସାହସ ଶକ୍ତି କି ବଢେ,
ଭିତରେ ଭିତରେ
ଭୟରେ ଭୟରେ
ଜ୍ଞାନ ବୁଦ୍ଧି ତାର ସଢେ ।

ସ୍ୱଭାବ ନଛାଡି
ଜାତି ଭାଇ ଦେଖି
ଡାକେ ଡାକକୁ ମିଶାଏ,
ଆପେ ଧରାପଡେ
କି କହିବ ସିଏ
ମିଛ କଣ ସତ ହୁଏ ।

ସମୟ କାହାର
ନୁହେଁ ବୋଲକରା
ପାପ ପୂଣ୍ୟ ବଟକରା,
କର୍ମ ନେଇ ଫଳ
ତଉଲ ହୋଇବ
ଧର୍ମରେ ଚାଲିଛି ଧରା ।


କଙ୍କଡ଼ାଦ୍ୱୀପ, ବ୍ରହ୍ମଗିରି,ପୁରୀ
ମୋ: ୭୨୦୫୪୦୧୨୧୩


### ରକ୍ତମୁଖା ନକ୍ର ଦଳ

**ପ୍ରତାପ କୁମାର ପଣ୍ଡା**



ତରଙ୍ଗିଣୀ ଧାରେ ବସି ପାଦରେ ହଳଦି ନେସି
ପାଉଁଜିର ରୁଣୁଝୁଣୁ ଶବଦରେ ଗାଉଥିଲା ଗୁଣୁଗୁଣୁ
ମୁକ୍ତ ବିହଙ୍ଗର ବିଭୋର ପଣକୁ ହୃଦୟ କନ୍ଦରେ ଧରି,
କାଚ କେନ୍ଦୁ ସମ ଜଳ ବହୁଥିଲା କଳକଳ
ସୁଶୀତଳ ପରଶରେ ତନୁମନ ହେଉଥିଲା ଆତ୍ମହରା
ଲାଗୁଥିଲା ମଧୁମୟ ଦୁନିଆଟା ସପନ ରାଇଜ ପରି ।

ପୂରବୁ ମୟୁଖମାଳୀ ଦେଉଥିଲା ରଙ୍ଗ ବୋଳି
ସତେ ଅବା ଦେହ ତା'ର ପୀତ ବର୍ଣ୍ଣ ପୁଷ୍ପ ହାର
ମହମହ ବାସନାରେ ଚଉଦିଗ ହେଉଥିଲା ମହକିତ,
ଅପୂର୍ବ ସେ ରୂପ କାନ୍ତି ନଥିଲା ବି ଭୟ ଭ୍ରାନ୍ତି
ନୀରିହ ନିଷ୍ପାପ ପ୍ରାଣ କରି କରି ଶାନ୍ତି ପ୍ରୀତି ଆହରଣ
ମଣୁଥିଲା ଜୀବନଟା ସଦାକାଳ ଏଇମିତି ସୁଧାସ୍ନାତ ।

ସେ କାହୁଁ ବୁଝିବ ଛଳ ମାୟାଛନ୍ନ ଧରାତଳ
ଲୁଚିଥିଲେ ମାଳ ମାଳ ମାଂସ ଲୋଭୀ ରକ୍ତମୁଖା ନକ୍ର ଦଳ
ବେଗେ ଆସି ଝାମ୍ପିନେଲେ ଝୁଣିଝୁଣି ଖାଇବାକୁ ଦେହ ତା'ର,
ଗଙ୍ଗା ଏବେ କଳୁଷିତ ଜଳ ନୁହେଁ ଖାଲି ରକ୍ତ
ତଥାପି କା' ନିଘା ନାହିଁ ମୂକପ୍ରାୟ ଚାହିଁଛନ୍ତି ଜଳଜଳ
ଯେମିତି ଏ ତରୁଲତା, ନଦୀ ନାଳ, ନଭଶ୍ଚୁମ୍ବୀ ମହୀଧର।

କ୍ଷତାକ୍ତ ତା' ଶବଧାରେ ଗଣତନ୍ତ୍ର ପ୍ରାଣ ଥରେ
କ୍ଷମତାରେ ମଦମତ୍ତ ଶାସକର କୁମ୍ଭକର୍ଣ୍ଣ କୁହାଟରେ
ମାପିହୁଏ ତିଳ ତିଳ ଜାଳୁଥିବା ଅନ୍ଧାରର ଗଭୀରତା,

ରଜନୀର ଅତିକ୍ରାନ୍ତେ ଆଲୋକର ପଞ୍ଜରନତ୍ୱେ
ଆଉ ଏକ ମୁକ୍ତି ଯୁଦ୍ଧ ଦାନା ବାନ୍ଧି କ୍ରିୟାଶୀଳ ହେବା ଆଗୁ
ଭାସି ଆସେ ସମାଜରୁ କର୍ଣ୍ଣଭେଦି ଶାନ୍ତି ସମାନତା
ବାର୍ତ୍ତା।

ଜୀବନର ପ୍ରତି ପ୍ରାନ୍ତେ ପିଶାଚର ଦନ୍ତାଘାତେ
ନିତି ନିତି କେତେ କେତେ କଳିକା ଯେ ହେଉଛନ୍ତି
ବୃନ୍ତଚ୍ୟୁତ
ଆକାଶରୁ ନିପତିତ ଶକ୍ତିହୀନ ପକ୍ଷ ହରା ଖଗ ପ୍ରାୟ,
ହସ୍ତେ ତୀକ୍ଷ୍ଣ ଖଡ୍ଗ ଧରି ଯେବେ ଯାଏ ଏଠି ନାରୀ
ସଂହାର କରିନି ସେହି ଲୋଭାତୁର ହିଂସ୍ର ଜନ୍ତୁ ମାନଙ୍କର
ସେବେ ଯାଏ ମଥାରେ ତା' ଲେଖାଥିବ ଅବଳା ସେ
ଅସହାୟ ।


+ରାଉରକେଲା


### ସ୍ମୃତିରେ ତୁମେ...

**ତନ୍ମୟ ଜ୍ୟୋତି ନାୟକ**

କେବେ ଆସ, ବସି ଯାଅ, ଦେଖିଯାଅ
ଥରେ,
ଏକା ଏକା ବିତେ ମୋର ବେଳ।
କେତେ ବିନିଦ୍ର ଯାମିନୀ, କେତେ
ଭୀରୁ ସନ୍ଧ୍ୟା
କେତେ କେତେ ସୁନେଲି ସକାଳ।

ସନ୍ଧ୍ୟା ଆସେ, ରାତି ହୁଏ, ପାହି
ଯାଏ ରାତି
ଦିନ ହୁଏ ଅସ୍ଥିର, ବିଥର
କେବେ କେଉଁ ଦିନେ ଅବା ତୁମ ସ୍ମୃତି
ଆସେ
ମଧୁର ସେ ଅଭୁଲା ଦିନର।

ଏଇ ନଈ, ଏଇ ସେ ପାହାଡ, ଏଇ
ପଥ, ଏଇ ସେଇ ବଣ
କେତେ ସ୍ମୃତି ଗଢିଥିଲେ ଆମେ -
ସବୁ ମନେ ପଡ଼େ ବର୍ତ୍ତମାନ।

ଜାଣେ ତୁମେ ଫେରିବନି ଆଉ
ଏ କବିତା ଚିଠି ତୁମ ପାଇଁ
ଜାଣେ ନାହିଁ ଠିକଣା ତୁମର
ଯଦି ତୁମେ ପାଇଯାଅ କେବେ
ପଢ଼ିବ ହେ ବନ୍ଧୁ! ମନ ଦେଇ ।


ବିଶ୍ୱଭାରତୀ, ଶାନ୍ତି ନିକେତନ


### ପ୍ରଣୟ ପ୍ରତୀକ୍ଷା

**ସିଦ୍ଧେଶ୍ୱର ତ୍ରିପାଠୀ**

ଆଗୋ ପ୍ରଣୟିନୀ ତୁମେ ନାହଁ ବୋଲି
ଏ କାମନା ଜାଳେ ମୋତେ
ଶ୍ରାବଣୀଟେ ସାଜି କେବେ ଭିଜାଇବ
ଭିଜିବି ମୁଁ ତୁମ ସାଥେ ।
ସବୁ ପ୍ରତିକ୍ଷାର ଅନ୍ତ ଘଟିବ
ଆଖିରେ ମିଶ୍ୱି ଆଖି
ଅଧର ଅମୃତ ଢାଳୁଥିବ ତୁମେ
ପୀରତିର ରଙ୍ଗ ମାଖି ।
ଏତନୁ ମନର ଭୋକିଲା ପଣକୁ
ଆଉ ମୁଁ ସହିବି କେତେ
ଆଗୋ ପ୍ରଣାୟିନୀ ତୁମେନାହଁ ବୋଲି
ଏ କାମନା ଜାଳେ ମୋତେ ।
କେବେ ଆସିବ ସେ ମଧୁର ଲଗନ
ବଉଳ ବାସର ରାତି
ତୁମେ ଟାଣିନେବ ଫୁଲ ବିଛଣାକୁ
ମାପିବାକୁ ଦେହ ତାତି ।
ବସନ ବାସନା ହେବେ ଆନମନା
ଭିଜିବାକୁ ତୁମ ସାଥେ
ଆଗୋ ପ୍ରଣୟିନୀ ତୁମେ ନାହଁ ବୋଲି
ଏ କାମନା ଜାଳେ ମୋତେ ।


+ଖୋର୍ଦ୍ଧା

# ଧର୍ମେନ୍ଦ୍ର ନୁହେଁ, ଏହି ଅଭିନେତାଙ୍କ ପାଇଁ ଜିଦ୍ କରିଥିଲେ ହେମା ମାଳିନୀ



ଯେତେବେଳେ କୌଣସି ଅଭିନେତା କିମ୍ବା ଅଭିନେତ୍ରୀ ସଫଳତାର ଶିଖରରେ ଥାଆନ୍ତି, ସେତେବେଳେ ତାଙ୍କ ନାମ ଚଳଚ୍ଚିତ୍ର ଜଗତରେ ଲୋକପ୍ରିୟ ହୁଏ । ତା'ପରେ ସେ ନିର୍ଦ୍ଦେଶକ କିମ୍ବା ନିର୍ମାତାଙ୍କ ଇଚ୍ଛା ଅନୁଯାୟୀ ଚଳଚ୍ଚିତ୍ରରେ କାମ କରନ୍ତି, କିନ୍ତୁ ନିଜ ସର୍ତ୍ତ ମଧ୍ୟ ରଖିଥାନ୍ତି । ଏହି ସର୍ତ୍ତଗୁଡିକ ମଧ୍ୟରେ ଟିମର ସଦସ୍ୟ ଏବଂ ଚୟନ ତାରକା ପ୍ରମୁଖ ରହିଥାଏ । ଆଜି ଆମେ ଆପଣଙ୍କୁ ହେମା ମାଳିନୀଙ୍କ ସହ ଜଡିତ ଏପରି ଏକ ଘଟଣା କହିବୁ ଯାହାକି ଶୁଣିବା ପରେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ବାସ୍ତବରେ ସେ ଏକ ଫିଲ୍ମରେ ହିରୋ ବାଛିବାରେ ଜିଦ୍ ଧରିଥିଲେ। ଆଶ୍ଚର୍ଯ୍ୟଜନକ କଥା ହେଉଛି ସେହି ହିରୋ ଧର୍ମେନ୍ଦ୍ର ନଥିଲେ । ଏହି ହିରୋ ଜଣକ ସିଏ ଯିଏ ଥରେ ହେମା ମାଳିନୀଙ୍କ ନାମ ସୁପାରିଶ କରିଥିଲେ । ବାସ୍ତବରେ ୮୦ ଦଶକରେ ହେମା ମାଳିନୀ ତାଙ୍କ କ୍ୟାରିୟରର ଶିଖରରେ ଥିଲେ । ତା'ପରେ ସେ ନିଜ ସର୍ତ୍ତରେ ଚଳଚ୍ଚିତ୍ରରେ କାମ କରୁଥିଲେ । ଏହି ଅବଧି ମଧ୍ୟରେ ତାଙ୍କୁ 'ଏକ ନଇ ପହେଲି' ଚଳଚ୍ଚିତ୍ର ପାଇଁ ଅଫର ଦିଆଯାଇଥିଲା । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ଥିଲେ କେ ବାଲାଚାନ୍ଦର୍। ନିର୍ମାତାମାନେ ଏହି ଚଳଚ୍ଚିତ୍ରରେ ଦିଲୀପ କୁମାର କିମ୍ବା ସଞ୍ଜୀବ କୁମାରଙ୍କୁ କାଷ୍ଟ କରିବାକୁ ଚାହୁଁଥିଲେ। ଯେତେବେଳେ ଫିଲ୍ମ ପାଇଁ ହେମା ମାଳିନୀଙ୍କୁ ଯୋଗାଯୋଗ କରାଯାଇଥିଲା, ସେତେବେଳେ ସେ ହିରୋଙ୍କ ବିଷୟରେ ପଚାରିଥିଲେ । ଦିଲୀପ କୁମାର କିମ୍ବା ସଞ୍ଜୀବ କୁମାରଙ୍କ ନାମ ଶୁଣିବା ପରେ ସେ ରାଜ କୁମାରଙ୍କ ନାମ ସୁପାରିଶ କରିଥିଲେ ଏବଂ ସେ ଏକ ସର୍ତ୍ତ ରଖିଥିଲେ ଯେ ଯେତେବେଳେ ସେ ତାଙ୍କ ହିରୋ ରାଜକୁମାର ହେବେ ସେତେବେଳେ ସେ ଫିଲ୍ମ କରିବେ । ନିର୍ମାତାମାନେ ତାଙ୍କ ଜିଦ୍‌ରେ ରାଜି ହୋଇଯାଇଥିଲେ ।



# ସିନେମାର କିଛି ଦୃଶ୍ୟ ସୁଟିଂ ପରେ କାମ କରିବାକୁ ମନା କଲେ ସଞ୍ଜୟ: ଚିନ୍ତାରେ ନିର୍ମାତା

ଅଭିନେତା ସଞ୍ଜୟ ଦତ୍ତ ଚଳଚ୍ଚିତ୍ରଜଗତରେ କ୍ରମାଗତ ଭାବରେ ସକ୍ରିୟ ଅଛନ୍ତି। ତାଙ୍କୁ କେବଳ ବଲିଉଡରେ ନୁହେଁ ଦକ୍ଷିଣ ଚଳଚ୍ଚିତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। କିନ୍ତୁ ସଞ୍ଜୁବାବା 'ୱେଲକମ ଟୁ ଦ ଜଙ୍ଗଲ' ଫିଲ୍ମ ନିର୍ମାତାଙ୍କ ସମସ୍ୟାକୁ ବଢ଼ାଇ ଦେଇଛନ୍ତି। 'ୱେଲକମ' ଓ 'ୱେଲକମ ଟୁ'ର ଅଭୁତପୂର୍ବ ସଫଳତା ପରେ, 'ୱେଲକମ ଥ୍ରିକୁ'କୁ ପ୍ରଶଂସକମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଏହି ଚଳଚ୍ଚିତ୍ରର ପୋଷ୍ଟର କିଛିଦିନପୂର୍ବରୁ ରିଲିଜ ହୋଇଥିଲା । ଯେଉଁଥିରେ ନାମୀଦାମୀ ଷ୍ଟାର କାଷ୍ଟ ଥିବା ଦେଖିବାକୁ ମିଳିଥିଲା । ସିନେମାରେ ଅକ୍ଷୟ କୁମାରଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ସୁନୀଲ ସେଟ୍ଟୀ, ରବିନା ଟଣ୍ଡନ, ଲାରା ଦତ୍ତା, ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ, ଦିଶା ପଟାନିଙ୍କ ଭଳି ଷ୍ଟାରମାନେ ଏହି ଫିଲ୍ମର ପୋଷ୍ଟରରେ ନଜର ଆସିଛନ୍ତି। ଏହି ବିଶାଳ ଷ୍ଟାର କାଷ୍ଟ ଦେଖିବା ପରେ ଫିଲ୍ମକୁ ନେଇ ପ୍ରଶଂସକଙ୍କ ଉତ୍ସାହ ଏକ ଭିନ୍ନ ସ୍ତରରେ ଥିଲା। ଏହି କ୍ରମରେ ଖବର ମିଳିଛି କି ସଞ୍ଜୟ ଦତ୍ତ ଏହି ଚଳଚ୍ଚିତ୍ରରେ କାମ କରିବେ ନାହିଁ। ସିନେମାର କିଛି ଦୃଶ୍ୟର ସୁଟିଂ କରିବା ପରେ ସଞ୍ଜୟ ଦତ୍ତ ୱେଲକମ ୩/'ୱେଲକମ ଟୁ ଦ ଜଙ୍ଗଲ' ଚଳଚ୍ଚିତ୍ରକୁ ଛାଡି ଦେଇଛନ୍ତି । ସେ ଏଥିରେ କାମ କରିବେ ନାହିଁ ବୋଲି ମନା କରି ଦେଇଛନ୍ତି। ସଞ୍ଜୟ ଅଧାରୁ ସିନେମା ଛାଡ଼ି ଯିବାର କାରଣ କ'ଣ ତାହା ଖବର ଲେଖାହେଲା ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନଥିଲା। ଏନେଇ ନିର୍ମାତା କି ସଞ୍ଜୟଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ବି ମିଳିନାହିଁ। କିନ୍ତୁ ଏକ ବିଶେଷ ସୂତ୍ରରୁ ଖବର ମିଳିଛି କି, ସିନେମାର ତାରିଖ ସମସ୍ୟା ହେତୁ ସଞ୍ଜୟ ଦତ୍ତ ଫିଲ୍ମ ଛାଡି ଦେଇଛନ୍ତି।

# କିଛି ଅଘଟଣ ଘଟିଲେ ମା'କୁ ନା ପ୍ରେମିକା କାହାକୁ ବଞ୍ଚାଇବ ପ୍ରଶ୍ନର ହୃଦୟସ୍ପର୍ଶୀ ଉତ୍ତର ଦେଇଥିଲେ ସଲମାନ



ବଲିଉଡ ଅଭିନେତା ସଲମାନ ଖାନ ତାଙ୍କ ପ୍ରେମିକାମାନଙ୍କୁ ନେଇ ସର୍ବଦା ଚର୍ଚ୍ଚାର ପରିସରରେ ରହିଥାଆନ୍ତି। ଇତିମଧ୍ୟରେ ସଲମାନଙ୍କ ଜୀବନରେ ଅନେକ ଯୁବତୀ ଆସିଛନ୍ତି ଓ ଚାଲି ମଧ୍ୟ ଯାଇଛନ୍ତି। ସଲମାନ କେବେ ବିବାହ କରିବେ ତାହା ଆଜି ବି ତାଙ୍କ ଫ୍ୟାନ୍ସଙ୍କ ମନରେ ପ୍ରଶ୍ନବାଚୀ ହୋଇ ରହିଛି। ଏକଦା ସଲମାନଙ୍କ ପ୍ରେମିକା ଥିବା ଜଣେ ଯୁବତୀ ଅଭିନେତାଙ୍କୁ ପ୍ରଶ୍ନ କରିଥିଲେ, 'ଆମେ ଏକ ଡଙ୍ଗାରେ ଯାଉଛେ। ସେ ଡଙ୍ଗାରେ ତିନିଜଣ ବସିଛୁ। ଏହି ତିନିଜଣ ହେଲେ ତୁମେ, ମୁଁ ଓ ତୁମର ମା'। ଯିବା ସମୟରେ ଯଦି କିଛି ଅଘଟଣ ଘଟେ ତେବେ ତୁମେ କାହାକୁ ବଞ୍ଚାଇବ? ଏହି ପ୍ରଶ୍ନର ସଲମାନ ଖାନ ଏକ ହୃଦୟସ୍ପର୍ଶୀ ଉତ୍ତର ଦେଇ କହିଥିଲେ, 'ପ୍ରେମିକା ହୁଅନ୍ତୁ ଅବା ସ୍ତ୍ରୀ ଦ୍ୱିତୀୟଥର ମିଳିପାରିବେ କିନ୍ତୁ ମା'କୁ ଥରେ ହରାଇ ଦେଲେ ସେ ଆଉ ମିଳିବ ନାହିଁ।'

ସଲମାନ ଖାନଙ୍କ ପିତା ସଲିମ ଖାନ ୧୯୬୪ ମସିହାରେ ସୁଶୀଲା ଚରକ ନାମକ ଜଣେ ମହିଳାଙ୍କୁ ବିବାହ କରିଥିଲେ, ଯିଏ ମରାଠୀ ହିନ୍ଦୁ ପରିବାରରୁ ଆସିଥିଲେ। ତେବେ ବିବାହ ପରେ ସେ ନିଜ ନାମ ସଲମା କରି ଇସଲାମ ଧର୍ମକୁ ଗ୍ରହଣ କରିଥିଲେ।

ସଲମାନ ତାଙ୍କ ମା'ଙ୍କୁ ଖୁବ ଭଲ ପାଆନ୍ତି। ପ୍ରାୟତଃ ସଲମାନ ଯେଉଁ ଭିଡିଓ ଏବଂ ଫଟୋ ସେୟାର କରନ୍ତି ସେଥିରେ ସେ ମା'ଙ୍କ ସହିତ ଥିବାର ଦେଖିବାକୁ ମିଳିଥାଏ। ।

# ଅନନ୍ତ ଓ ରାଧିକାଙ୍କ ବାହାଘର: ଇଟାଲୀରେ ଆରମ୍ଭ ହେବ ସ୍ୱିଜରଲ୍ୟାଣ୍ଡରେ ସରିବ



ଅନନ୍ତ ଅମ୍ବାନୀ ଓ ରାଧିକା ମର୍ଚ୍ଚାଣ୍ଟଙ୍କ ବାହାଘର କାଉଣ୍ଟଡାଉନ ସେଲିବ୍ରେସନ ମେ' ୨୯ରୁ ଆରମ୍ଭ ହୋଇ ଜୁନ ୧ ଯାଏ ଚାଲିବ। ବାହାଘର ଉତ୍ସବ ଇଟାଲୀରୁ ଆରମ୍ଭ ହେବ। ଏହା ଜୁନ ୧ରେ ସ୍ୱିଜରଲ୍ୟାଣ୍ଡରେ ଶେଷ ହେବ। ସେହିପରି ଜୁଲାଇ ୬ରୁ ୧୨ ମଧ୍ୟରେ ମୁମ୍ବାଇରେ ମଧ୍ୟ ବାହାଘର ପାର୍ଟିର ଆୟୋଜନ କରାଯିବ ବୋଲି ଜଣାପଡ଼ିଛି। ବାହାଘର ପୂର୍ବରୁ ଗୁଜରାଟର ଜାମନଗରରେ ପ୍ରି ୱେଡିଂ ଉତ୍ସବ ପାଳନ କରାଯାଇଥିଲା। ଏଥିରେ ବଲିଉଡ ଠାରୁ ଆରମ୍ଭ କରି ହଲିଉଡ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ତେଣୁ ବାହାଘର କାର୍ଯ୍ୟକ୍ରମ ଏହା ଠାରୁ ଆହୁରି ବଡ଼ ଓ ସ୍ୱତନ୍ତ୍ର ହେବ ବୋଲି ସମସ୍ତେ ଆଶା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବାହାଘର ବେଳେ ପ୍ରାଇଭେସିକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯିବ। କେହି ବି ଫୋନ ବ୍ୟବହାର କରିପାରିବେ ନାହିଁ। ବାହାଘର କାର୍ଯ୍ୟକ୍ରମ ପୂର୍ବରୁ ଅମ୍ବାନୀ ପରିବାର ପକ୍ଷରୁ ଲଣ୍ଡନରେ କ୍ରୁଜ ପାର୍ଟି ଆରମ୍ଭ ହୋଇଛି। ମେ' ୧୯ରୁ ଆରମ୍ଭ ହୋଇଥିବା ଏହି ପାର୍ଟି ମେ' ୨୩ ଯାଏ ଚାଲିବ। ମୁକେଶ ଅମ୍ବାନୀ, ନୀତା ଅମ୍ବାନୀ ଓ ଆକାଶ ଅମ୍ବାନୀଙ୍କ ବ୍ୟତୀତ ପରିବାର ବାକି ସଦସ୍ୟ ଏବେ ଲଣ୍ଡନରେ ରହିଛନ୍ତି। କ୍ରୁଜ ପାର୍ଟିରେ ମୋଟ ୩୦୦ ଅତିଥିଙ୍କୁ ନମନ୍ତ୍ରଣ କରାଯାଇଛି। ସେହିପରି ଅନନ୍ତ-ରାଧିକାଙ୍କ କ୍ରୁଜ ପାର୍ଟିରେ ଅନେକ ନାମୀଦାମୀ ବଲିଉଡ ସେଲିବ୍ରେଟୀ ମଧ୍ୟ ଉପସ୍ଥିତି ରହିବେ।

# ମା' ହେଲେ ୟାମୀ ଗୌତମ

ମା' ବଲିଉଡ ଅଭିନେତ୍ରୀ ୟାମୀ ଗୌତମ। ତାଙ୍କ ଘରକୁ ଆସିଲେ ନୂଆ ଅତିଥି। ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ଅଭିନେତ୍ରୀଙ୍କ ସ୍ୱାମୀ ତଥା ଫିଲ୍ମ ପ୍ରଡ୍ୟୁସର ଆଦିତ୍ୟ ଧର ସୋଶାଲ ମିଡିଆରେ ଏହି ଗୁଡ୍ ନ୍ୟୁଜ୍ ସେୟାର କରିଛନ୍ତି।

ସୂଚନା ମୁତାବକ, ୟାମୀ ପବିତ୍ର ଅକ୍ଷୟ ତୃତୀୟ ଅବସରରେ ନିଜ ପୁଅକୁ ଜନ୍ମ ଦେଇଛନ୍ତି। ଅର୍ଥାତ୍ ମେ' ୧୦ ତାଙ୍କ ପୁଅ ଜନ୍ମ ହୋଇଛି। କେବଳ ସେତିକି ନୁହେଁ ସେ ତାଙ୍କ ପୁଅର ନାଁ ମଧ୍ୟ ରିଭିଲ୍ କରିଛନ୍ତି।

ୟାମୀ ଓ ଆଦିତ୍ୟ ନିଜ ପୁଅର ନାଁ 'ବେଦାଭିଦ୍' ରଖିଛନ୍ତି। ଏହା ଏକ ସଂସ୍କୃତ ନାମ। ବେଦ ଓ ଭିଦ୍‌କୁ ମିଶାଇ ପୁଅର ନାଁ ରଖିଛନ୍ତି ଏହି ବଲିଉଡ ଷ୍ଟାର। ଏହା ଭଗବାନ ବିଷ୍ଣୁଙ୍କ ମଧ୍ୟ ଗୋଟିଏ ନାଁ। ସେପଟେ ଏହି ଖବର ସାମ୍ନାକୁ ଆସିବା ପରେ ୟାମୀ ଓ ଆଦିତ୍ୟଙ୍କୁ ପୂରା ବି-ଟାଉନ୍ ଶୁଭେଚ୍ଛା ଜଣାଇଛି। ଅନେକ ଫ୍ୟାନ୍ସମାନଙ୍କ ତରଫରୁ ମଧ୍ୟ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

କହିରଖୁ ଯେ, ୨୦୨୧ ଜୁନ୍ ୪ ତାରିଖରେ ୟାମୀ ଗୌତମ ଆଦିତ୍ୟ ଧରଙ୍କୁ ବିବାହ କରିଥିଲେ। ତେବେ ବିବାହର ତିନି ବର୍ଷ ପରେ ଉଭୟ ବାପା-ମା' ହୋଇଛନ୍ତି। ୟାମୀଙ୍କୁ ଶେଷ ଥର ପାଇଁ ଫିଲ୍ମ 'ଆର୍ଟିକେଲ ୩୭୦' ରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମକୁ ଭଲ ରେସ୍‌ପନ୍ସ ମଧ୍ୟ ମିଳିଥିଲା।



# ଅଭିନେତା ନୱାଜୁଦ୍ଦିନ ସିଦ୍ଦିକିଙ୍କ ଭାଇ ଗିରଫ



ବନ୍ଧା ହେଲେ ବଲିଉଡ ଅଭିନେତା ନୱାଜୁଦ୍ଦିନ ସିଦ୍ଦିକିଙ୍କ ବଡ଼ ଭାଇ। ବୁଧବାର ଉତ୍ତରପ୍ରଦେଶର ମୁଜଫରନଗରରୁ ଅୟାଜୁଦ୍ଦିନ ସିଦ୍ଦିକିଙ୍କୁ ପୁଲିସ ଗିରଫ କରିଛି। ଠକେଇ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ରିପୋର୍ଟ ମୁତାବକ, ନୱାଜୁଦ୍ଦିନଙ୍କ ଭାଇ ଅୟାଜୁଦ୍ଦିନଙ୍କୁ ମେ' ୨୨ ତାରିଖରେ ଉତ୍ତରପ୍ରଦେଶର ବୁଢ଼ାନା ପୁଲିସ ଗିରଫ କରିଛି। ଠକେଇ ମାମଲାରେ ତାଙ୍କୁ ଗିରଫ କରାଯାଇଛି। ନୱାଜୁଦ୍ଦିନ ସିଦ୍ଦିକିଙ୍କ ଭାଇ ଜିଲ୍ଲା ମାଜିଷ୍ଟ୍ରେଟ କୋର୍ଟଙ୍କ ନାମରେ ବେଆଇନ ଭାବେ ଏକତ୍ରୀକରଣ ବିଭାଗକୁ ଏକ ନିର୍ଦ୍ଦେଶ ପତ୍ର ଜାରି କରିଥିବା ଅଭିଯୋଗ ହୋଇଛି। ଜାବେଦ ଇକବାଲ ନାମକ ଜଣେ ବ୍ୟକ୍ତିଙ୍କ ସହ ଚାଷ ଜମିକୁ ନେଇ ଲାଗି ରହିଥିବା ବିବାଦ ଯୋଗୁ ସେ ଏଭଳି ଠକେଇର ପନ୍ଥା ଆପଣାଇଥିଲେ। ତେବେ ତଦନ୍ତ ପରେ କୋର୍ଟ ତରଫରୁ ଜାରି କରାଯାଇଥିବା ନିର୍ଦ୍ଦେଶ ପତ୍ର ଫେକ୍ ବୋଲି ଜଣାପଡିଛି। ଏହାକୁ ନେଇ ଜିଲ୍ଲା ମାଜିଷ୍ଟ୍ରେଟ୍ କୋର୍ଟରେ ଅଭିଯୋଗ ହେବା ପରେ ଅୟାଜୁଦ୍ଦିନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ତେବେ ପ୍ରଥମ ଥର ପାଇଁ ନୱାଜୁଦ୍ଦିନ ସିଦ୍ଦିକିଙ୍କ ଭାଇ ଏଭଳି ଆଇନ ଜାଲରେ ଫଶି ନାହାନ୍ତି। ପୂର୍ବରୁ ୨୦୧୮ରେ ମଧ୍ୟ ସୋଶାଲ ମିଡିଆରେ ଆପତ୍ତିଜନକ ଫଟୋ ସେୟାର କରି ସେ ଫଶିଥିଲେ। ଏହି ଫଟୋ ଜରିଆରେ ସେ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅୟାଜୁଦ୍ଦିନ ସିଦ୍ଦିକି ବିରୋଧରେ ମାମଲା ରୁଜୁ ହୋଇଥିଲା।

# ଅଂଶୁଘାତର ଶିକାର ହେବାପରେ ସୁସ୍ଥ ହୋଇ ଘରକୁ ଫେରିଲେ ଶାହରୁଖ



ବଲିଉଡ୍ ଅଭିନେତା ଶାହରୁଖ ଖାନ୍ ଅଂଶୁଘାତର ଶିକାର ହେବାରୁ ତାଙ୍କୁ ଅହମଦାବାଦର କେଡି ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ମଇ ୨୧ ତାରିଖ ଦିନ କୋଲକାତା ନାଇଟ ରାଇଡର୍ସ ଓ ସନରାଇଜର୍ସ ଅହମଦାବାଦ ମଧ୍ୟରେ ଆଇପିଏଲ ମ୍ୟାଚ ଦେଖିବା ପାଇଁ ଶାହରୁଖ ଅହମଦାବାଦରେ ପହଞ୍ଚିଥିଲେ। ସେଠାରେ ସେ ଆଇଟିସି ନର୍ମଦା ହୋଟେଲରେ ରହିଥିଲେ। କେକେଆର ଓ ଏସ୍‌ଆରଏଚ୍ ମ୍ୟାଚ୍ ସମୟରେ ଶାହରୁଖ୍ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିଲେ। ସେଠାରୁ ବିଳମ୍ବିତ ରାତିରେ ନିଜ ଟିମ୍ କେକେଆର ସହ ଆଇଟିସି ନର୍ମଦା ହୋଟେଲ୍ ଯାଇଥିଲେ। ହଠାତ ଆଜି ସକାଳେ ସେ ଅସୁସ୍ଥ ଅନୁଭବ କରିଥିଲେ। ତେଣୁ ଅପରାହ୍ନ ପ୍ରାୟ ଗୋଟାଏ ବେଳକୁ ଶାହରୁଖଙ୍କୁ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହୋଇଯାଇଛନ୍ତି। ତାଙ୍କୁ ହସ୍ପିଟାଲରୁ ଛୁଟି କରି ଦିଆଯାଇଛି। ଶାହରୁଖଙ୍କ ଝିଅ ସୁହାନା ଖାନ ଓ ପୁଅ ଅବରାମ ଅହମଦାବାଦରେ ହିଁ ଅଛନ୍ତି। ବର୍ତ୍ତମାନ ଶାହରୁଖଙ୍କ ଅବସ୍ଥା ସ୍ଥିର ରହିଛି। ସୁସ୍ଥ ହେବାଯାଏଁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ଶାହରୁଖ୍‌ଙ୍କ ଅସୁସ୍ଥ ଖବର ଶୁଣିବା ପରେ ତାଙ୍କ ପତ୍ନୀ ଗୌରୀ ଖାନ୍, ବ୍ୟବସାୟୀ ଜୟ ମେହେଟ୍ଟା, ଜୁହି ଚାୱଲା ପ୍ରମୁଖ ହସ୍‌ପିଟାଲ୍‌ରେ ପହଞ୍ଚିଥିଲେ। ଆଇପିଏଲ୍ ୨୦୨୪ର ଅନ୍ତିମ ମ୍ୟାଚ୍ ମଇ ୨୬ରେ ଚେନ୍ନାଇର ଏମ ଚିଦାମ୍ବରମ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ ।

# ରାସ୍ତାରୁ ଉଠିଲା ପିଚୁ: ନିମ୍ନମାନର କାର୍ଯ୍ୟକୁ ପ୍ରଶ୍ନ ଉଠାଇଲେ ଗ୍ରାମବାସୀ

କୋରେଇ, ୨୩/୫ (ନି.ପ୍ର): ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଆନୁକୁଲ୍ୟରେ ଜାତୀୟ ରାଜପଥ ୧୬ ଠାରୁ ହାଟସାହି ଭାୟା ସୋତି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏପରିକି ଅବଧିର ଶେଷ ତାରିଖ ଅତିକ୍ରମ କରିଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନାହିଁ। ତେବେ ନିର୍ମାଣ କାର୍ଯ୍ୟ ସରିନଥିବା ବେଳେ ଦୁଇ ଦିନ ତଳେ ରାସ୍ତାରେ ଢଳାଯାଇଥିବା ପିଚୁ ଉଠିଯାଉଛି। ଯାହାକୁ ନେଇ ଗ୍ରାମବାସୀ ମାନେ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟକୁ ନେଇ ଅଭିଯୋଗ ଆଣିଛନ୍ତି। ପ୍ରକାଶଯେ ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏକ ପିଚୁ ରାସ୍ତା ଜାତୀୟ ରାଜପଥ ୧୬ ଠାରୁ ବାହାରି ଅଳତିରି , ଚାନ୍ଦପୁର, ଦାମୋଦରପୁର, ବାଟୁଲ, ସୋତି ମଧ୍ୟ ଦେଇ ହାଟସାହି ନିକଟରେ ଟିକର-ଶଙ୍ଖଚିଲା ରାସ୍ତା ସହିତ ମିଶିଛି। ବିଭାଗ ଦ୍ୱାରା ପ୍ରଦତ୍ତ ସୁଚନାନୁସାରେ ଉକ୍ତ ରାସ୍ତାଟିର ଦୈର୍ଘ୍ୟ ୬ କିମି ୨୭୦ ମିଟର ହୋଇଥିବା ବେଳେ ୧୯ଟି ଘୋଷରା ପୋଲ ସହିତ ବ୍ୟୟ ଅଟକଳ ୪ କୋଟି ୭୦ ଲକ୍ଷ ୭୭ହଜାର ଟଙ୍କାର ରହିଛି ଓ ରକ୍ଷଣାବେକ୍ଷଣ ଲାଗି ୪୦ ଲକ୍ଷ ୬୮ ହଜାର ଟଙ୍କା ରହିଛି। ଉକ୍ତ ରାସ୍ତା କାର୍ଯ୍ୟ ୨୦୨୨ସେପ୍ଟେମ୍ବର ୧୨ରୁ ଆରମ୍ଭ ହୋଇ -୨୦୨୩ ଜୁନ ୧୧ମଧ୍ୟରେ ସାରିବା ଲାଗି ବିଭାଗ ତରଫରୁ ସଂପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ମଧ୍ୟ ଥିଲା। ମାତ୍ର ସଂପୃକ୍ତ ଠିକାଦାର ବିଭାଗ ଦ୍ୱାରା ପ୍ରଦତ୍ତ ନିର୍ମାଣ ଅବଧି ଶେଷ ହୋଯାଇଥିଲେ ମଧ୍ୟ କାର୍ଯ୍ୟ ସାରି ନଥିବା ନେଇ ଗ୍ରାମବାସୀଙ୍କ ତରଫରୁ ଅସନ୍ତୋଷ ଜାହିର କରାଯାଇଥିବା ବେଳେ ଉକ୍ତ ଠିକାଦାରଙ୍କ ଦ୍ୱାରା ପୁଣି ଏକ ସାଂଘାତିକ ଠକାମୀ ନେଇ ଗ୍ରାମବାସୀ ମାନେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାୟର କରିଛନ୍ତି। ରାସ୍ତାଟିର ନିର୍ମାଣ କାର୍ଯ୍ୟ ସୋତି ପର୍ଯ୍ୟନ୍ତ ଶେଷ ହୋଇଯାଇଥିବା ବେଳେ ଗତ ଦୁଇ ଦିନ ତଳେ ସୋତିରୁ ହାଟସାହି ମଧ୍ୟରେ ନୁତନ ଭାବେ ପିଚୁ ପଡ଼ିଥିଲା। ମାତ୍ର ପିଚୁର ଅବସ୍ଥା ଦେଖି ଗ୍ରାମବାସୀ ମାନଙ୍କ ସନ୍ଦେହ ହେବାରୁ ସେମାନେ ହାତରେ ଖୋଳି ଦେବାରୁ ପିଚୁ ଗୁଡ଼ିକ ଆପେ ଆପେ ବାହାରି ଯାଇଥିଲା। ଯେପରିକି ସେଗୁଡ଼ିକ ରାସ୍ତା ଉପରେ ଥୁଆ ହୋଇଛି। ତେବେ ଗ୍ରାମବାସୀ ମାନେ ଉକ୍ତ କାର୍ଯ୍ୟକୁ ବନ୍ଦ କରି ସଂପୃକ୍ତ ଠିକାଦାରକୁ ଯୋଗ ଯୋଗ କରିଥିଲେ। ମାତ୍ର ଠିକାଦାର ଜଣକ ତାଙ୍କୁ ନାଲି ଆଖି ଦେଖାଇଥିଲା। ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ସୋତି ଗ୍ରାମର ଗ୍ରାମବାସୀ ନାରାୟଣ କରଣ, ପ୍ରଫୁଲ୍ଲ କୁମାର ନାୟକ, ବିଷ୍ଣୁ ଚରଣ ବାରିକ, କୁଳମଣୀ ସାହୁ, ଅନାମ ମହାପାତ୍ର, ପ୍ରଦୀପ ଖଣ୍ଡାଇ, କୀର୍ତନ ମହାପାତ୍ର,ରବିନ୍ଦ୍ର ସେଠୀ, ଅନନ୍ତ କୁମାର ମହାପାତ୍ର, ସନ୍ତୋଷ ବାରିକ, ପ୍ରଫୁଲ୍ଲ ମାଝୀ, ସୁଶାନ୍ତ ସେନାପତି, ସତ୍ୟବ୍ରତ ମହାପାତ୍ର, ଶିବ ପ୍ରସାଦ ବାରିକ, ଅଖିଳ ସ୍ୱାଇଁ,ଚକ୍ରଧର ସ୍ୱାଇଁ, ଅଭୟ କୁମାର ସ୍ୱାଇଁ ପ୍ରମୁଖ ଉତ୍ୟକ୍ତ ହୋଇ ରାସ୍ତା କାର୍ଯ୍ୟ ବନ୍ଦ ରଖିବା ସହିତ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି।

# ୮ନଂ ଜୋନରେ ବିଜେପି ପକ୍ଷରୁ ମହିଳା ଭୋଟର ସମାବେଶ

କେନ୍ଦ୍ରାପଡ଼ା, ୨୩/୫ (ନି.ପ୍ର): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ଜିଲ୍ଲା ପରିଷଦର ୮ନଂ ଜୋନ ଅନ୍ତର୍ଗତ ଓସ୍ତପୁର ପଂଚାୟତ ମଣିଛକ ନିକଟରେ ବିଜେପି ପକ୍ଷରୁ ବିଶାଳ ମହିଳା ଭୋଟର ସମାବେଶ ଅନୁଷ୍ଠିତ ହୋଇ ଯାଇଛି। ବୁଧବାର ଅପରାହ୍ନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଓସ୍ତପୁର ପଂଚାୟତ ସମେତ ଆଖପାଖ ଗ୍ରାମରୁ ବହୁ ସଂଖ୍ୟକ ମହିଳା ଭୋଟର କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ। ବିଜେପିର ବରିଷ୍ଠ ନେତ୍ରୀ ତଥା ଜିଲ୍ଲା ପ୍ରଭାରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶ ରେ ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ, ମହିଳା ମୋର୍ଚ୍ଚା ରାଜ୍ୟ ଉପ ସଭାନେତ୍ରୀ ଡ଼ଃ ପ୍ରୀତି ପ୍ରତିଭା ଭୋଳ, ଉତରପ୍ରଦେଶ ର ମନ୍ତ୍ରୀ ଚନ୍ଦ୍ର ପ୍ରକାଶ ସୂର୍ଯ୍ୟବଂଶୀ, ଶ୍ରୀମତୀ ସ୍ୱାତୀ ସିଂହ, ମଧ୍ୟପ୍ରଦେଶ ର ଦେବ ସିଂହ ଚୌହାନ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ୮ଂନ ଜୋନର ସଭାନେତ୍ରୀ ଶ୍ରୀରାଧା ପ୍ରଧାନ ଓ ଚନ୍ଦନ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଲୋକସଭା ପ୍ରାର୍ଥୀ ଶ୍ରୀ ପଣ୍ଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କେନ୍ଦ୍ର ସରକାର ମହିଳା ମାନଙ୍କ ବିକାଶ ପାଇଁ କରିଥିବା ବିଭିନ୍ନ ଯୋଜନା ଓ ଆଗାମୀ ଦିନରେ ସୁଭଦ୍ରା ଯୋଜନା ଅନ୍ତର୍ଗତ ମହିଳା ମାନଙ୍କୁ ବାର୍ଷିକ ୫୦ ହଜାର ଟଙ୍କା ପ୍ରଦାନ କରିବା ସମ୍ବନ୍ଧୀୟ ଗ୍ୟାରେଣ୍ଟି ଉପରେ ଆଲୋକପାତ କରିଥିଲେ। ବିଜେପିର ପଦ୍ମଫୁଲ ଚିହ୍ନରେ ୨ଥର ଭୋଟ ଦେଇ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ଅବକି ବାର ୪୦୦ପାରକୁ ସଫଳ କରିବା ଓ ରାଜ୍ୟରେ ଚାଲିଥିବା ଭ୍ରଷ୍ଟାଚାରୀ ଶାସନକୁ ପରିବର୍ତ୍ତନ କରିବା ପାଇଁ ବିଧାନସଭା ପ୍ରାର୍ଥୀକୁ ଜିତାଇବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ କବଳିତ କରି ରାଜ୍ୟରେ ଚାଲିଥିବା ଅଫିସର ରାଜକୁ ପରିବର୍ତନ କରିବାକୁ ହେଲେ ରାଜ୍ୟରେ ବିଜେପି ସରକାର ଓ ଡବଲ ଇଞ୍ଜିନ ସରକାର ଆସିଲେ କେନ୍ଦ୍ରାପଡା ସହ ରାଜ୍ୟର ବିକାଶ ଦ୍ୱିଗୁଣିତ ହେବ ବୋଲି ପ୍ରତିଶୃତି ଦେଇଥିଲେ। ସେହିଭଳି ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ ଙ୍କ ସମାତେ ଅନ୍ୟ ଅତିଥି ମାନେ ମହିଳା ଭୋଟର ମାନଙ୍କୁ ପଦ୍ମଫୁଲ ଚିହ୍ନରେ ଦୁଇ ଥର ଭୋଟ ଦେଇ ଲୋକସଭା ପାଇଁ ବୈଜୟନ୍ତ ପଣ୍ଡା ଓ ବିଧାନସଭା ପାଇଁ ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ଶେଷରେ ନାରୀନେତ୍ରୀ ଝିଲ୍ଲୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୮ନଂ ଜୋନ ସାରଙ୍ଗରେ କଂଗ୍ରେସ କର୍ମୀ ସମାବେଶ

କେନ୍ଦ୍ରାପଡ଼ା, ୨୩/୫ (ନି.ପ୍ର): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ୮ନଂ ଜୋନର ସାରଙ୍ଗ ଠାରେ ବିଧାନସଭା କ୍ଷେତ୍ରର କର୍ମୀ ସମ୍ମିଳନୀ ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର କେନ୍ଦ୍ରାପଡା ବିଧାନସଭା ପ୍ରାର୍ଥୀ ଡ଼ଃ ସିପ୍ରା ମଲିକ ଏଥିରେ ଯୋଗ ଦେଇ ରାଜ୍ୟର ବିଜେଡି ସରକାର ଓ କେନ୍ଦ୍ରର ବିଜେପି ସରକାର ର ଜନ ମାରଣ ନୀତି, କୃଷକଙ୍କ ପ୍ରତି ଅବହେଳା ଶ୍ରମିକ ମାରଣ ନୀତି ଓ ମହିଳା ମାନଙ୍କ ପ୍ରତି ଅନ୍ୟାୟର ପ୍ରତିରୋଧ ପାଇଁ ଆଗାମୀ ନିର୍ବାଚନ ରେ ହାତ ଚିହ୍ନରେ ୨ଥର ଭୋଟ ଦେଇ କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ ସରକାର ଗଢିବା ପାଇଁ ପ୍ରଚାର ଅବିଯାନ ଚଳାଇବାକୁ ଉପସ୍ଥିତ କର୍ମୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରଦେଶ ମତ୍ସ୍ୟଜୀବି କଂଗ୍ରେସ ସଭାପତି ହଳଧର ସେଠୀ, ପ୍ରଦେଶ ପ୍ରଚାର କମିଟି ସଭ୍ୟ ବିଧୁଭୂଷଣ ମହାପାତ୍ରଙ୍କ ସମେତ ଭାଗିରଥୀ ଜେନା, ମହେନ୍ଦ୍ର ପରିଡା, ହରିଶ ପଟ୍ଟନାୟକ, ରଶ୍ମି ରଞ୍ଜନ ଚୌଧୁରୀ, ସସ୍ମିତା ପଣ୍ଡା, ସଂନ୍ଧ୍ୟାରାଣୀ ରାଉତ, ଉମେଶ ପାଢୀ, ହରିହର ସାହୁ, ଅଜୟ ବେହେରା, ସଂଜୟ ମଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ନିର୍ବାଚନ ପରିଚାଳନା ପ୍ରସ୍ତୁତିର ସମୀକ୍ଷା କଲେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ

କେନ୍ଦୁଝର , ୨୩/୫ (ନି.ପ୍ର): ଆସନ୍ତା ମେ ମାସ ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ଏକକାଳୀନ ସାଧାରଣ ନିର୍ବାଚନ ହେବାକୁ ଯାଉଥିବା ବେଳେ ବୁଧବାର ଦିନ ସ୍ୱତନ୍ତ୍ର ଜିଲ୍ଲା ପର୍ଯ୍ୟବେକ୍ଷକ କେନ୍ଦୁଝର ଗସ୍ତ କରିଛନ୍ତି। ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ , ସ୍ୱତନ୍ତ୍ର ପୋଲିସ ପର୍ଯ୍ୟବେକ୍ଷକ ରଜନାକାନ୍ତ ମିଶ୍ର , ଓ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀମତୀ ହିମାଳିନୀ କାଶ୍ୟପ , ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପରିଚାଳନା ପାଇଁ କରାଯାଇଥିବା ଚୂଡାନ୍ତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲରେ ଜିଲ୍ଲାପାଳ ବିଶାଳ ସିଂଙ୍କ ପୌରହିତରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ମିନହାଜ ଆଲାମ , ଆଶିଷ ମୋଦି , ପୋଲିସ ପ ର୍ଯ୍ୟବେକ୍ଷକ ରୁପିନ୍ଦର ସିଂହ , ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାକେଶ କୁମାର ଦାସ , ଇନ୍ଦନ ଅସୋକ କୁମାର. ରାଜ କମଲ ରଜଂନ , ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର ଏବଂ ଜିଲ୍ଲାର ଅନ୍ୟ ସମସ୍ତ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସିଂହ ଜିଲ୍ଲାର ନିର୍ବାଚନ ପରିଚାଳନା ର ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ। ପରେ ପରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ଜିଲ୍ଲାର ସମସ୍ତ ନୋଡାଲ ଅଧିକାରୀଙ୍କ ସହ ପ୍ରସ୍ତୁତି ଆ ଲୋଚନା କରି ସ୍ଥିତି ପଚାରି ବୁଝିଥିଲେ। ମତଦାନ ଦିନ ଓ୍ୱେବ କାଷ୍ଟିଙ୍ଗ ମାଧ୍ୟମରେ ବୁଥ ଗୁଡିକରେ ହେଉଥିବା କାର୍ଯ୍ୟକଳାପ ର ନିରିକ୍ଷଣ , ସମ୍ବେଦନଶୀଳ ବୁଥ ଗୁଡିକରେ କେନ୍ଦ୍ରିୟ ସୁରକ୍ଷା ବଳ ମାନଙ୍କ ମୁତୟନ ଓ ଯୋଗାଯୋଗ ସମସ୍ୟା ଥିବା ବୁଥରେ ସ୍ୱତନ୍ତ୍ର ବ୍ୟବସ୍ଥା ଆପଣାଇବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ସାମ୍ଭବ୍ୟ ଲଘୁଚାପ ଜନିତ ଝଡ ବର୍ଷା ଆଂଶଙ୍କା ଥିବାରୁ ସେହି ଅନୁଯାୟୀ ପ୍ରସ୍ତୁତ କରିବାକୁ ସ୍ୱତନ୍ତ୍ର ପ ର୍ଯ୍ୟବେକ୍ଷକ ପରାମର୍ଶ ଦେବା ସହ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପରିଚାଳନା କରିବାକୁସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

# ଜଗନ୍ନାଥ ସାଗର ଓ ଦୟମନ୍ତୀ ସାଗରର ବିକାଶ ଉପରେ ସମୀକ୍ଷା କଲେ ଜିଲ୍ଲାପାଳ

ଜୟପୁର, ୨୩/୫ (ନି.ପ୍ର): ଜୟପୁର ସ୍ଥିତ ଜଗନ୍ନାଥ ସାଗର ଓ କୋଟପାଡ ସ୍ଥିତ ଦମୟନ୍ତି ସାଗରର ବିକାଶ ଉପରେ ସମୀକ୍ଷା କଲେ କୋରାପୁଟ ଜିଲାପାଳ ଭି କିର୍ତ୍ତି ଭାସନ। ଆଜି ଜୟପୁର ପୌର ସଭାଗୃହରେ ଜିଲାପାଳ ଭି କର୍ତ୍ତି ଭାସନ ବିଭିନ୍ନ ବିଭାଗର ଅଧିକାରି ମାନଙ୍କୁ ନେଇ ସମିକ୍ଷା କରିଛନ୍ତି। ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର କାଯ୍ୟକୁ ଗୁରୁତ୍ୱ ଦେଇଛନ୍ତି। ବର୍ଷା ପୁବରୁ ଯେପରି ପଙ୍କ ଉଦ୍ଧାର କାଯ୍ୟ ଶେଷ ହୋଇ ପାରିବ ସେନେଇ ନିଦ୍ଦେଶ ଦେଇଛନ୍ତି। ସାଗରକୁ ଭାଗ ଭାଗ କରି ପଙ୍କ ଉଦ୍ଧାର କରିବାକୁ ପରାମର୍ଶ ଦେଇଛନ୍ତି। ସାଗରରେ ପକ୍ଷୀ ମାନଙ୍କ ପାଇ ଦ୍ୱିପ କରିବାକୁ ନିଦ୍ଦେଶ ଦେଇଛନ୍ତି। ସାଗର ତଟରେ ଏମଆଇ ବିଭାଗ ତରଫରୁ ନିର୍ମାଣ କରାଯାଇଥିବା ଡ୍ରେନ କାଯ୍ୟ ତୁରନ୍ତ ଶେଷ କରିବାକୁ ନିଦ୍ଦେଶ ଦେଇଛନ୍ତି। ତୁରନ୍ତ ବାଇପାସ ରାସ୍ତା ନିର୍ମାଣ କରିବାକୁ ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଙ୍କୁ ନିଦ୍ଦେଶ ଦେଇଛନ୍ତି। ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର କାଯ୍ୟ ଓ ସୌନ୍ଦଯ୍ୟ କରଣ କାଯ୍ୟ ହେବ। ସାଗର କାଯ୍ୟ ୮୫ ଟି ଏସଏଚଜି ଗ୍ରୁପ କୁ ଦିଆଯାଇଛି। ୧୪ କୋଟି ୮୭ ଲକ୍ଷ ଟଙ୍କା ବିନିମୟରେ ସାଗର ପାଣି ନିଷ୍କାସନ, ପଙ୍କ ଉଦ୍ଧାର ଓ ସୌନ୍ଦଯ୍ୟ କରଣ କରିବେ। ବର୍ତ୍ତମାନ ସୁଦ୍ଧା ୨ କୋଟି ୧୦ ଲକ୍ଷଟଙ୍କା ଖର୍ଚ୍ଚ ହୋଇଛି। ଏହା ସହ ଦମୟନ୍ତି ସାଗରର ବିକାଶ ଉପରେ ଉପସ୍ଥିତ ଅଧିକାରି ମାନଙ୍କ ସହ ଆଲୋଚନା କରିଛନ୍ତି। ସମିକ୍ଷା ବୈଠକରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ପୌର ନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ତହସିଲଦାର ମୋନାଲିସା ଆଚାର୍ଯ୍ୟି, ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଖିରଧର ଖଣ୍ଡପାନ ପ୍ରମୁଖ ଉପସ୍ଥିତ ଥିଲେ।

# ସିପିଆଇ(ଏମ)ର ଭୁବନେଶ୍ୱର ଲୋକସଭା ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଗଣ ସଂଗଠନ ମାନଙ୍କର ଆହ୍ୱାନ

ଭୁବନେଶ୍ୱର, ୨୩/୫ (ନି.ପ୍ର): ଚଳିତ ଲୋକସଭା ନିର୍ବାଚନରେ ଭୁବନେଶ୍ୱର ଆସନରେ ସିପିଆଇ(ଏମ୍) ପକ୍ଷରୁ ପ୍ରାର୍ଥୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଦା ହାତୁଡି ତାରା ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ସିଆଇଟିୟୁ, ଓଡିଶା କୃଷକ ସଭା,ଓଡିଶା କ୍ଷେତମଜଦୂର ୟୁନିୟନ, ଗଣତାନ୍ତ୍ରିକ ମହିଳା ସମିତି, ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ, ଭାରତର ଛାତ୍ର ଫେଡେରେସନ, ଓଡିଶା ଆଦିବାସୀ ଅଧିକାର ମଂଚ ପକ୍ଷରୁ ମିଳିତ ଭାବରେ ନିବେଦନ କରାଯାଇଛି। ଆଜି ସିଆଇଟିୟୁ ରାଜ୍ୟ ଦପ୍ତର ୟୁନିଟ ୩ ସ୍ଥିତ ଶ୍ରମିକ ଭବନଠାରେ ଅନୁଷ୍ଠିତ ବୈଠକରେ ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ୨୦୧୪ ମସିହା ପରେ ଦେଶରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ସରକାର କ୍ଷମତାସୀନ ହେଲାପରେ ଦେଶବାସୀଙ୍କ ମୌଳିକ ସମସ୍ୟା ଗୁଡିକର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଅପର ପକ୍ଷରେ ଦେଶର ରାଷ୍ଟ୍ରାୟତ ସମ୍ପଦ ରେଳବାଇ, ବିମାନ ବନ୍ଦର, ବିଏସଏନ୍‌ଏଲ୍, ବ୍ୟାଙ୍କ,ବୀମା ଠାରୁ ଆରମ୍ଭ କରି ସରକାରୀ କଳକାରଖାନା ଗୁଡିକ ଘରୋଇକରଣ କରାଯାଉଛି। ଆଜି ଦିନରେ ଦେଶବାସୀଙ୍କୁ ଜର୍ଜରିତ କରୁଥିବା ମୁଖ୍ୟ ସମସ୍ୟା ବେକାରୀ, ଦରବୃଦ୍ଧିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ,ଖାଦ୍ୟ, ପାନୀୟ ଜଳ, ଗମନାଗମନ ଆଦି ସମସ୍ୟାର ସମାଧାନ ପ୍ରତିଶ୍ରୁତି ଦେଇ କ୍ଷମତାସରନ ହୋଇଥିବା କେନ୍ଦ୍ର ସରକାର ଏଥିରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚାଷୀ ମାନଙ୍କର ଆୟ ୨ ଗୁଣା କରିବା, ଫସଲ ପାଇଁ ଏମଏସପି ଦୂରର କଥା ଓଲଟି କଳା କୃଷି ଆଇନ ପ୍ରତ୍ୟାହାର ବେଳେ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ମଧ ପୂରଣ କଲେନାହିଁ। ଏଣୁ ଚଳିତ ନିର୍ବାଚନରେ ଦେଶ ଓ ଦେଶବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ, ଦେଶକୁ ସଂପ୍ରଦାୟିକ ଧୃବୀକରଣରୁ ରକ୍ଷା କରିବା ସହିତ ଶ୍ରମିକ, କୃଷକ, ମହିଳା, ଛାତ୍ର, ଯୁବକ, ଦେଶର ମେହେନତିକାମୀ ଜନଗଣଙ୍କ ଅଧିକାରର ରକ୍ଷା ପାଇଁ ଭୁବନେଶ୍ୱରର ଲୋକସଭା ନିର୍ବାଚନରେ ବାମ ଧର୍ମନୀରପେକ୍ଷ ଦଳ ମାନଙ୍କ ପକ୍ଷରୁ ସିପିଆଇ(ଏମ୍) ପ୍ରାର୍ଥୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଦା ହାତୁଡି ତାରା ଚିହ୍ନରେ ଭୋଟ ଦେଇ ବିଜୟୀ କରିବାସହ ରାଜ୍ୟରେ ବିଜେପି, ବିଜେଡି ଦଳକୁ ପରାସ୍ତ କରିବାପାଇଁ ସିଆଇଟିୟୁ ଓଡିଶା, କୃଷକ ସଭା, କ୍ଷେତମଜଦୂର ୟୁନିୟନ, ଗଣତାନ୍ତ୍ରିକ ମହିଳା ସମିତି, ଯୁବ ଫେଡେରେସନ, ଛାତ୍ର ଫେଡେରେସନ, ଓଡିଶା ଆଦିବାସୀ ଅଧିକାର ମଂଚ ପକ୍ଷରୁ ମିଳିତଭାବେ ନିବେଦନ କରାଯାଇଛି।

# ସତ୍ୟବାଦୀରେ ଦେବୀ ପ୍ରସାଦଙ୍କ ପ୍ରଚାର ଜମୁଛି

ପୁରୀ, ୨୩/୫ (ନି.ପ୍ର): ସତ୍ୟବାଦୀ ସାକ୍ଷୀଗୋପୀନାଥଙ୍କ ପୀଠସ୍ଥଳୀ। ଗୋପାଳଜୀଙ୍କ ପ୍ରିୟ ହେଉଛି ବଇଁଶୀ। ଗଣତନ୍ତ୍ରର ମହାପର୍ବ ନିର୍ବାଚନ। ଏହି ନିର୍ବାଚନରେ ସତ୍ୟବାଦୀର ସ୍ୱାଧୀନ ପ୍ରାର୍ଥୀ ଦେବୀ ପ୍ରସାଦ ମିଶ୍ରଙ୍କୁ ମିଳିଛି ବଇଁଶୀ ଚିହ୍ନ। ଆଜି ପ୍ରଚାରର ଅନ୍ତିମ ଦିବସରେ ସେ କଣାସ, ସାକ୍ଷୀଗୋପାଳ ଏବଂ ପୂର୍ବ ସତ୍ୟବାଦୀରେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ବିଭିନ୍ନ ଦଳୀୟ ପ୍ରାର୍ଥୀ ବିବାଦରେ ରହୁଥିବାରୁ ଲୋକେ ସ୍ୱାଧୀନ ପ୍ରାର୍ଥୀଙ୍କୁ ପସନ୍ଦ କରୁଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଦେବୀ ପ୍ରସାଦ କୁହନ୍ତି, କଣାସ ଅଂଚଳରେ ମୁଖ୍ୟ ସମସ୍ୟା ଜଳ ନିଷ୍କାସନ। ନଦୀ ବନ୍ଧ ସୁଦୃଢ଼ୀକରଣ, ପିଇବା ପାଣି ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥାକୁ ନେଇ କାମ କରିବି।

# ଜିଲ୍ଲାସ୍ତରୀୟ ଯୋଗ ଅଲମ୍ପିଆଡ ଚୟନ ଉତ୍ସବକୁ ଉଦ୍‌ଘାଟନ କଲେ ଜିଲ୍ଲା ଶିକ୍ଷାଧିକାରୀ

ବଲାଙ୍ଗୀର, ୨୩/୫ (ନି.ପ୍ର): ଆଜି ବଲାଙ୍ଗୀର ସରକାରୀ ଟାଉନ୍ ବାଳିକା ହାଇସ୍କୁଲ ଠାରେ ଜିଲ୍ଲା ସ୍ତରୀୟ ଯୋଗ ଓଲମ୍ପିଆଡ଼ ଚୟନ ପ୍ରତିଯୋଗୀତା ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଧ୍ରୁବ ଚରଣ ବେହେରା ଯୋଗଦେଇ ଏହି ଯୋଗ ଚୟନ ପ୍ରତିଯୋଗୀତା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଜିଲ୍ଲା କ୍ରୀଡ଼ା ଶିକ୍ଷାଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଟାଉନ୍ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଶିକ୍ଷାଧିକାରୀ ପ୍ରଦୀପ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରି ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ୨୦ ଜଣ ଶିକ୍ଷକଙ୍କ ସହିତ ୫୦ ଜଣ ପ୍ରତିଯୋଗୀ ଏହି ଯୋଗ ଚୟନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବାବେଳେ ଏଥିରୁ ଚୟନ କରଯାଇଥିବା ୬ ଜଣ କୃତୀ ପ୍ରତିଯୋଗୀ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡ ପ୍ରତିଯୋଗୀତାରେ ଭାଗ ନେବେ। ସଭାକୁ ହେମନ୍ତ କୁମାର ପଧାନ ସଂଯୋଜନା କରିଥିବାବେଳେ ଶିକ୍ଷକ ବିନୋଦ କୁମାର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପୁନର୍ଜନ୍ମ ପାଇଁ ପାର୍ବତୀଙ୍କ ଧାରଣା



ରାୟଗଡ଼ା, ୨୩/୫ (ନି.ପ୍ର): ଶୁଣିବାକୁ ଅଜବ ଲାଗୁଥିଲେ ବି ସତ। ୮୦ବର୍ଷ ବୟସରେ ପୁନର୍ଜନ୍ମ ପାଇଁ ତହସିଲ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି ରାୟଗଡ଼ା ସହରର କେ. ପାର୍ବତୀ। ପରିଣତ ବୟସରେ ପାର୍ବତୀଙ୍କ ଏହି ନିଷ୍ପତ୍ତି ପଛର କାହାଣୀ ଚିନ୍ତାଜନକ ଓ ପୀଡ଼ାଦାୟକ। କାରଣ ବିଭିନ୍ନ ସରକାରୀ ରେକର୍ଡ, ପରିବାର, ପଡ଼ୋଶୀ ଓ ସଂପର୍କୀୟଙ୍କ ପାଇଁ ସେ ଜୀବିତ। ସଶରୀରରେ ଚଲାବୁଲା କରୁଛନ୍ତି। ଅଥଚ ରାୟଗଡ଼ା ତହସିଲଦାରଙ୍କ ପାଇଁ ହୋଇଯାଇଛନ୍ତି ମୃତ ତଥା ଅଦୃଶ୍ୟ। ଗତ ୧୩ଦିନ ଧରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜୀବିତ ଥିବା ପ୍ରମାଣ ଦେବାକୁ ଧାରଣା ଦେଉଛନ୍ତି। ତହସିଲଦାରଙ୍କ ସହ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମଧ ତାଙ୍କୁ ଦେଖୁଛନ୍ତି। ତଥାପି ବଞ୍ଚି ଥାଉଥାଉ ତାଙ୍କୁ ମାରି ଦେଇଛନ୍ତି ଏହି ସରକାରୀ କର୍ମଚାରୀ। ରାୟଗଡ଼ା ସହରର କେ.ଗୋବିନ୍ଦ ପଟ୍ଟନାୟକ ପୈତୃକ ସଂପତ୍ତିର ପଟ୍ଟା ନିଜ ନାଁରେ କରାଇବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏହି ଆବେଦନ ଆଧାରରେ ଉତ୍ତରାଧିକାରୀ ଏବଂ ପରିବାର ସଦସ୍ୟଙ୍କ ସଂପୂର୍ଣ୍ଣ ତଥ୍ୟ ଉପଲବ୍ଧ କରିବାକୁ ରାୟଗଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ମିଳିଥିଲା। ରାୟଗଡ଼ା ରାଜସ୍ୱ ନିରୀକ୍ଷକ ତଦନ୍ତ କରି ରିପୋର୍ଟ ଦାଖଲ କଲେ। ତେବେ ଏହି ରିପୋର୍ଟ ସନ୍ତୋଷଜନକ ହୋଇନଥିଲା। ଏଥିପାଇଁ ପୁନର୍ବାର ଆବେଦନ କରିବାରୁ ରାଜସ୍ୱ ସୁପରଭାଇଜର ତଦନ୍ତ କଲେ। ରାୟଗଡା ସହରର ପିଟଲାସାହି ଓ ନୂଆସାହିକୁ ଯାଇ ଗୋବିନ୍ଦ ପଟ୍ଟନାୟକଙ୍କ ବଂଶଧରଙ୍କ ତଥ୍ୟ ସଂଗ୍ରହ କଲେ। କିନ୍ତୁ ଯେଉଁ ରିପୋର୍ଟ ଦାଖଲ କଲେ ସେଥିରେ ଜୀବିତ ଥିବା ଗୋବିନ୍ଦଙ୍କ ମା' କେ. ପାର୍ବତୀ ପଟ୍ଟନାୟକଙ୍କୁ ମୃତ ଦର୍ଶାଇଲେ। ଯାହାଫଳରେ ଜୀବିତ ଥିବା ସତ୍ତ୍ୱେ ସରକାରୀ କାଗଜରେ ମରିଗଲେ ପାର୍ବତୀ। ପାର୍ବତୀ କହିଛନ୍ତି, ଏହାକୁ ସାମାନ୍ୟ ତ୍ରୁଟି ବୋଲି କୁହାଯିବନି। ଅକ୍ଷମଣୀୟ ଷଡ଼୍‌?ଯନ୍ତ୍ର। ଜୀବିତ ଥିବା ?ରୁ ପରିଣତ ବୟସରେ ପ୍ରମାଣ ଦେବାକୁ ପଡୁଛି। ଏହାଠାରୁ ଅଧିକ ବିଡ଼ମ୍ବନା କ'ଣ ହୋଇପାରେ। ୧୩ଦିନ ହେଲା ଧାରଣା ଦେଉଛି। କିନ୍ତୁ ପ୍ରଶାସନ ଅନ୍ଧ, ମୂକ ଏବଂ ବଧିର ହୋଇଯାଇଛି। ଯେଉଁ କାଗଜରେ ମୋତେ ମୃତ ଦର୍ଶାଇଲେ ତାହାକୁ କାହିଁକି ସଂଶୋଧନ କରୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସେ ଜୀବିତ ଥିବା ଆଇନଗତ ଭାବେ ଦର୍ଶାଇବାକୁ ତାଙ୍କୁ ବାରମ୍ବାର କୁହାଯାଉଛି। ସରକାରୀ କାଗଜରେ ସେ ମୃତ। ସରକାରୀ କାଗଜ ହିଁ ତାଙ୍କୁ ପୁନର୍ଜନ୍ମ ଦେବ। ଏଥିପାଇଁ କାଗଜ ଯୋଗାଡ଼ କରିବାକୁ କୁହାଯାଉଛି। ତ୍ରୁଟି ସୁଧାରିବା ବଦଳରେ ହୁଏତ ତାଙ୍କ ମୃତ୍ୟୁକୁ ପ୍ରଶାସନ ଅପେକ୍ଷା କରିଛି ବୋଲି କହିଛନ୍ତି ପାର୍ବତୀ।

# କାନ୍ଥ ପଡ଼ି ଚାଲିଗଲା ଶ୍ରମିକଙ୍କ ଜୀବନ: ମୃତ ଶ୍ରମିକଙ୍କ ପତ୍ନୀଙ୍କୁ ୩ ଲକ୍ଷ ଅନୁକମ୍ପାମୂଳକ କ୍ଷତିପୂରଣ



ରାଉରକେଲା, ୨୩/୫ (ନି.ପ୍ର): ଟିମ୍ବରକଲୋନି ମା' ବୈଷ୍ଣବଦେବୀ ମନ୍ଦିର ନିକଟସ୍ଥ ବସ୍ତିରେ କାନ୍ଥପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲାଠିକଟା ବ୍ଲକ୍ ବିରକେରାର ଅର୍ଜୁନ ସାମଦ (୪୫)। ମୃତକଙ୍କ ପତ୍ନୀଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକ ଓ ପରିବାର ଘଟଣାସ୍ଥଳରେ ଆନ୍ଦୋଳନ କରିଥିଲେ। ଘର ମାଲିକ ମହବତିଆ ସାହା ପତ୍ନୀଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଅନ୍ତେଷ୍ଟିକ୍ରିୟା ଖର୍ଚ୍ଚ ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପ୍ଲାଣ୍ଟସାଇଟ୍ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ପତ୍ନୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅର୍ଜୁନ ସାମଦ ରୋଜଗାର କରିବାକୁ ପରିବାର ସହ ରାଉରକେଲା ଆସିଥିଲେ। ବନ୍ଧମୁଣ୍ଡା ତିଲକାନଗର ଘର ଭଡା ନେଇ ପରିବାର ସହ ରହୁଥିଲେ। ଗତ ତିନିଦିନ ଧରି ଟିମ୍ବରକଲୋନି ମା' ବୈଷ୍ଣୋଦେବୀ ନିକଟସ୍ଥ ବସ୍ତିରେ ମହବତିଆ ସାହାଙ୍କ ଘର ତିଆରି କାମ କରୁଥିଲେ। ଗାତ ଖୋଳୁଥିବାବେଳେ ପୁରୁଣାକାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକ, ମୃତକଙ୍କ ପତ୍ନୀ ଓ ପରିବାର ଘଟଣାସ୍ଥଳ ପହଞ୍ଚି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ।

# ନାବାଳିକାକୁ ଅସାଦାଚରଣ ମାମଲାରେ ଯୁବକ ଅଦାଲତ ଚାଲାଣ

କୋରେଇ, ୨୩/୫ (ନି.ପ୍ର): ପାଣିକୋଇଲି ପୁଲିସ ଜୈନିକ ନାବାଳିକାକୁ ଅସାଦା ଚରଣ ଅଭିଯୋଗରେ ଅଦାଲତ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତ ବର୍ତମଣା ଗ୍ରାମର ଜୈନିକ ନାବାଳିକାକୁ ସେହି ଗ୍ରାମର ଜଣେ ଯୁବକ ଅସାଦାଚରଣ କରିଥିବାର ଅଭିଯୋଗ ହୋଇଥିଲା। ପୁଲିସ ଏନେଇ ଏକ ମାମଲା ୨୬୯/୨୪ ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ଯୁବକ ବର୍ତମଣା ଗ୍ରାମର ରଘୁନାଥ ସାହୁଙ୍କ ପୁଅ ବିବେକାନନ୍ଦ ସାହୁ(୨୯)କୁ ପୁଲିସ ଗିରଫ କରି ଆଣିବା ପରେ ଆଜି ଅଦାଲତ ଚାଲାଣ କରିଛି।

# ଦିଗପହଣ୍ଡି ବି.ତୁରୁବୁଡ଼ିରେ କିଡ଼୍‌ନି ରୋଗ ଆତଙ୍କ: ଦୁଇବର୍ଷରେ ୨୦ ମଲେଣି, ୫୦ରୁ ଅଧିକ ଆକ୍ରାନ୍ତ

ଦିଗପହଣ୍ଡି, ୨୩/୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ବି.ତୁରୁବୁଡ଼ି ଗ୍ରାମରେ କିଡ଼୍‌ନି ରୋଗର ଆତଙ୍କ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି। ଗତ ୨ବର୍ଷ ମଧରେ କିଡ଼୍‌ନିଜନିତ ରୋଗରେ ଆକ୍ରାନ୍ତ ହୋଇ ଖଳିଆ ବେହେରା (୫୫), ସନ୍ନ୍ୟାସୀ ରେଡ୍ଡୀ (୫୦), ବନ ରେଡ୍ଡୀ ( ୪୫), ଖଳିଆ ରେଡ୍ଡୀ (୫୭), ଏନ.ଜାଗିଲି (୪୦) ଓ ବାଙ୍କନିଧି ରେଡ୍ଡୀ (୫୦)ଙ୍କ ଭଳି ୨୦ଜଣ ଲୋକ ପ୍ରାଣ ହରାଇଛନ୍ତି। ୫୦ରୁ ଅଧିକ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୨୫ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆଜି ମଧ ଜଣେ ବ୍ୟକ୍ତିଙ୍କ ନମୁନା ପରୀକ୍ଷା ପରେ ତାଙ୍କର କିଡ଼୍‌ନିଜନିତ ସମସ୍ୟା ଥିବା ଜଣାପଡ଼ିଛି। ଦୂଷିତ ଓ ଅପମିଶ୍ରିତ ପାଣି ପାଇଁ ଏଭଳି ସ୍ଥିତି ଉପୁଜିଥିବା ଗ୍ରାମବାସୀ ଆଶଙ୍କା ପ୍ରକଟ କରିଛନ୍ତି। ପ୍ରଥମେ ପେଟରେ ଯନ୍ତ୍ରଣା ହେଉଥିବା ବେଳେ ପରବର୍ତ୍ତୀ ସମୟରେ ପରୀକ୍ଷାନିରୀକ୍ଷା ବେଳେ ଏହା କିଡ଼୍‌ନିଜନିତ ରୋଗ ବୋଲି ଜଣାପଡୁଛି। ପ୍ରଥମେ ଏହି ରୋଗ ବ୍ୟାପିବା ପରେ ଗ୍ରାମବାସୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଆସି ଅନୁଧ୍ୟାନ କରି ଯାଇଥିଲେ।

# ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀର ଦେବଗଡ ଓ ରେଙ୍ଗାଲିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚାର



ସମ୍ବଲପୁର/ଦେବଗଡ/ରେଙ୍ଗାଲି, ୨୩/୫ (ନି.ପ୍ର): ଲୋକମାନଙ୍କ ଉତ୍ସାହ, ଉଲ୍ଲାସ ଏବଂ ଆଶୀର୍ବାଦ ରାଜ୍ୟ ରାଜନୀତିର ଗତିବିଧିକୁ ସ୍ପଷ୍ଟ କରୁଛି । ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ତଥା ଓଡ଼ିଶାରେ ବିଜେପି ସରକାର କରିବା ପାଇଁ ଲୋକମାନେ ମନ ସ୍ଥିର କରିସାରିଛନ୍ତି । ଆସନ୍ତା ମଇ ୨୫ ତାରିଖରେ ସମ୍ବଲପୁର ଦୀର୍ଘ ୨୫ ବର୍ଷର ସରକାରକୁ ପରିବର୍ତ୍ତନ କରିବା ପାଇଁ ଭୋଟ୍ ଦେବ ବୋଲି ଗୁରୁବାର ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ପ୍ରଥମେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ । ଏହା ପରେ ସମ୍ବଲପୁର କଚେରି ଛକ ଠାରେ ଆସାମୀୟ କବି ତଥା ସାହିତ୍ୟରଥୀ ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହ ପରିଦର୍ଶନ କରିଥିଲେ । ପରେ ଦେବଗଡ଼ ନିର୍ବାଚନମଣ୍ଡଳୀରେ ଆୟୋଜିତ ରୋଡ୍ ସୋ'ରେ ଆସାମ ମୁଖ୍ୟମନ୍ତ୍ରୀ ଏବଂ ବିଧାୟକ ପ୍ରାର୍ଥୀ ସୁବାଷ ପାଣିଗ୍ରାହୀଙ୍କ ସହ ସାମିଲ ହୋଇଥିଲେ । ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ଆୟୋଜିତ ରୋଡ୍ ସୋ' ଓ ବିଜୟ ସଂକଳ୍ପ ସଭାରେ ଯୋଗଦେଇ ପଦ୍ମଫୁଲରେ ଭୋଟ୍ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଗୋଟିଏ ପକ୍ଷରେ ସମ୍ବଲପୁର ଏବଂ ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱପ୍ନ ଦେଖୁଥିବା ବେଳେ ଅନ୍ୟ ଗୋଟିଏ ପକ୍ଷରେ ଦୀର୍ଘ ୨୫ ବର୍ଷର ବିଜେଡି ସରକାରରେ ପାନୀୟ ଜଳ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ଦାଦନ ସମସ୍ୟା ଓଡ଼ିଶା ଦାରିଦ୍ର୍ୟ ଆଡକୁ ଠେଲି ନେଇଛି । ଏ ସରକାର ଠିକାଦାରମାନଙ୍କ ଦଲାଲି କରୁଛି । ଲୋକଙ୍କ ଜମିରେ ପାଉଁଶ ପକାଇ ହଇରାଣ କରାଯିବା ପାଇଁ ପ୍ରୟାସ ହେଉଛି । ଶାସକ ଦଳର ନେତାଙ୍କ ପକେଟ ଗରମ ହେଉଥିବା ବେଳେ ସାଧାରଣ ଲୋକଙ୍କ କିଛି ଉନ୍ନତି ହୋଇନାହିଁ । ଯେଉଁମାନଙ୍କ ପାଖରେ ଯୋଜନା ନାହିଁ, ସେମାନେ ଲୁଟ୍ ଓ ଅତ୍ୟାଚାର କରୁଛନ୍ତି । କିଛି ମାଫିଆ ଓଡ଼ିଶାକୁ କବଜା କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ସେମାନଙ୍କୁ ସାବାଡ଼୍ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଓଡ଼ିଶାରେ ସୁଶାସନ ଆଣିବାରେ ବିଜେଡି ସରକାର ବାଧା ଦେଉଛି । ମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଅବସ୍ଥାରେ ନାହାନ୍ତି । ମୁଖ୍ୟମନ୍ତ୍ରୀଙ୍କ ପାଖରେ ଜଣେ ଭଡ଼ାଟିଆ ଅଛି । ଓଡ଼ିଶାର ମାଲିକ ହେବା ପାଇଁ ସେ ଚେଷ୍ଟା ଚଲାଉଛି । ବୀର ସୁରେନ୍ଦ୍ର ସାଏଙ୍କ ଦାୟଦ ତାମିଲ ଭଡ଼ାଟିଆକୁ ଓଡ଼ିଶାର ଖଣି ଖାଦାନକୁ ଲୁଟ୍ କରିବାକୁ ଦେବେ ନାହିଁ । ଏଥର ଓଡ଼ିଶାର ନେତା ଓଡ଼ିଆ ଲୋକ ହେବ । ବିଜେପି କ୍ଷମତାକୁ ଆସିଲେ ଚିଟଫଣ୍ଡ ଦୁର୍ନୀତିର ତଦନ୍ତ ହେବ । ମନ୍ତ୍ରୀ ନବ ଦାସଙ୍କ ହତ୍ୟା ତଦନ୍ତର ଦାୟିତ୍ୱ ସିବିଆଇକୁ ଦିଆଯିବ । ଏହି ଘଟଣାର ଫୁଙ୍ଖାନୁଫୁଙ୍ଖ ତଦନ୍ତ ହେବ । ଯେଉଁମାନେ ସମ୍ବଲପୁରରେ ହନୁମାନ ଜୟନ୍ତୀକୁ ବନ୍ଦ କରାଇଲେ, ହାଇକୋର୍ଟ ବେଞ୍ଚ ଦାବି କରୁଥିବା ଓକିଲଙ୍କ ଆନ୍ଦୋଳନରେ ବାଧା ସୃଷ୍ଟି କଲେ, ସେମାନଙ୍କୁ ଜେଲ୍ ପଠାଯିବ । ବିଜେପିର ସଂକଳ୍ପ ପତ୍ର ଉପରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ରାଜ୍ୟରେ ବିଜେପି ସରକାର ହେଲେ ଧାନର ଏମଏସପି କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ହେବ । ଚାଷ ଜମିକୁ ଜଳସେଚନ କରାଯିବ । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମିଳିବ । ସମସ୍ତ ଗରିବଙ୍କ ମୁଣ୍ଡ ଉପରେ ଛାତ ଘର ସହ ଶୌଚାଳୟ ନିର୍ମାଣ, ରନ୍ଧନ ଗ୍ୟାସ ସମେତ ସବୁ ସୁବିଧା ପ୍ରଦାନ କରାଯିବ । ବିଜେପି କ୍ଷମତାକୁ ଆସିଲେ 'ମୁକ୍ତ ବିଜୁଳି ଯୋଜନା' ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ମାଧ୍ୟମରେ ମାଗଣାରେ ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଯୋଗାଯିବ । ଏଥିପାଇଁ ଘରେ ଘରେ ସୋଲାର ପ୍ୟାନେଲ ଲାଗିବ । ଆସନ୍ତା ୨୫ ତାରିଖରେ ବିଜେପି ପ୍ରାର୍ଥୀମାନଙ୍କୁ ଦୁଇ ଥର ପଦ୍ମଫୁଲ ଚିହ୍ନରେ ଭୋଟ୍ ଦେଇ ଜୟଯୁକ୍ତ କରାଇବା ପାଇଁ କେନ୍ଦ୍ରମନ୍ତ୍ରୀ ନିବେଦନ କରିଛନ୍ତି ।

## ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା, ୨୩/୫ (ନି.ପ୍ର): ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ତାଳଜଙ୍ଗ, ରେଖିଦେଇପୁର ଓ କବାଟବନ୍ଧ ପଂଚାୟତର ବିଜେପି ଓ କଂଗ୍ରେସ କର୍ମୀମାନେ ବିଧିବଦ୍ଧ ଭାବେ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଜାରକା ସ୍ଥିତ ବିଜୁ ଜନତା କାର୍ଯ୍ୟାଳୟ ଠାରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ପଂଚାୟତ ସମିତି ଅଧ୍ୟକ୍ଷ ଧର୍ମଶାଳା ପ୍ରଭାତ କୁମାର ବଳବନ୍ତରାୟ, ଜଳଧର ମହାନ୍ତି, ଉତ୍କଳମଣୀ ଦାସ, ତପନ ସାହୁ, ବିକାଶ ଦାସ, ରମାକାନ୍ତ ପରିଡା, ଆଲୋକ କୁମାର ସାହୁ, ବିଳ୍ୱମଙ୍ଗଳ ସାହୁ, ବିପିନ ବିହାରୀ ସେଠୀ, ତାପସ ପଣ୍ଡା, ଜ୍ଞାନରଞ୍ଜନ ସାହୁ, ପ୍ରମୋଦ ମିଶ୍ର, ଚେମା ମଳିକ, ପାଣ୍ଡବ ମହାନ୍ତି ଏବଂ ଭିମସେନ ଓଝା ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ଏହି ମିଶ୍ରଣ ପର୍ବରେ କବାଟବନ୍ଧ ପଂଚାୟତର ଧ୍ରୁବ ସାହୁ, ଦେବାଶିଷ, ଗୋବରା ଓଝା, ମନୋରଞ୍ଜନ ଓଝା, ରାକେଶ କୁମାର ବେହେରା, କାଳନ୍ଦୀ ବେହେରା, ଚନ୍ଦନ କାୟସ୍ଥ, ସାଗର ପାତ୍ର, ସନ୍ତୋଷ ସାହୁ, ବିଚିତ୍ରା ମଲ୍ଲିକ୍‌ଙ୍କ ସମେତ ୮୦ ରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିବା ବେଳେ ତାଳଜଙ୍ଗ ପଂଚାୟତରୁ ବଲ୍ଲଭ ମଳିକ, ଛାୟାକାନ୍ତ ମଳିକ, ମକର ମଳିକ, ଲକ୍ଷ୍ମୀଧର ମଳିକ, ଶ୍ରୀଧର ମଳିକଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ବିଜେପି ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି ।

## ବିଜେଡ଼ି ପକ୍ଷରୁ ଆଶୀର୍ବାଦ ସମାବେଶ



ବାସୁଦେବପୁର, ୨୩/୫ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଲକ୍ଷ୍ମୀଦାସ ପୁର ପଞ୍ଚାୟତର ବାତ୍ୟା ଆଶ୍ରୟ ସ୍ଥଳୀ ପାଖ ପଡ଼ିଆ ରେ ବିଜୁ ଜନତା ଦଳ ପକ୍ଷରୁ ଆଶୀର୍ବାଦ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାବେଶରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ଓଡ଼ିଶାର ଲୋକ ପ୍ରିୟ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସଫଳ ଯୋଜନା ସମ୍ପର୍କରେ ଭୋଟର ଭାଇ ଭଉଣୀ ମାନଙ୍କୁ ବୁଝାଇ ଥିଲେ ଓ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ । ଏହି ସମାବେଶରେ ବିଧାୟକ ପ୍ରାର୍ଥୀ ଙ୍କ ପ୍ରତିନିଧି ଅସିତ୍ କୁମାର ଦାଶ, ଲକ୍ଷ୍ମୀ ଦାସ ପୁର ପଞ୍ଚାୟତର ବରିଷ୍ଠ ନେତା ବନମାଳି ବାରିକ, ଜଳଧର ପୁହାଣ, ଯୁବ ନେତା ନୀଳାଦ୍ରି ପୁହାଣ, ପବିତ୍ର ରଞ୍ଜନ ପୁହାଣ ଯୋଗ ଦେଇଥିଲେ । ଏହି ଅବସରରେ ବାଇକ୍ ରାଲି ରେ ବହୁ ସଂଖ୍ୟାରେ ଜନ ସାଧାରଣ ଯୋଗ ଦେଇଥିଲେ । ବିଧାୟକ ପ୍ରାର୍ଥୀ ବିଷ୍ଣୁ ବ୍ରତ ରାଉତରାୟ ଗାଁ ଗାଁ ବୁଲି ଲୋକ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ବିଜୁ ପଟ୍ଟନାୟକ ଅମର ରହେ, ନୀଳମଣି ରାଉତରାୟ ଅମର ରହେ, ବିଜୟ ଶ୍ରୀ ରାଉତରାୟ ଅମର ରହେ, ଜିତୁ ବାବୁ ଜିନ୍ଦାବାଦ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା ।

## ସରକାର ମୌଳିକ ସୁବିଧାଗୁଡ଼ିକ ପୂରଣ ନକଲେ ଛତିଶଗଡରେ ମିଶିବେ ବୁରୁଡି ଗ୍ରାମବାସୀ

ମାଲକାନଗିରି, ୨୩/୫ (ନି.ପ୍ର): ମାଲକାନଗିରି ସୀମାନ୍ତ ଗାଁର ଦୁଃଖ ଦିନକୁ ଦିନ ବଢିବାରେ ଲାଗିଛି । ନିର୍ବାଚନରେ ନେତାଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହେଉଛି । ବିକାଶର ନା ଗନ୍ଧ ନାହିଁ । ଲୋକେ ଭାଗ୍ୟକୁ ଆଦରି ପଡି ରହିଛନ୍ତି । ଏଭଳି ଏକ ଗାଁ ମାଲକାନଗିରି ସଦର ବ୍ଲକର ତଣ୍ଡକି ପଞ୍ଚାୟତର ଛତିଶଗଡ଼ ସୀମାକୁ ଲାଗି ରହିଥିବା ବୁରୁଡି ଗ୍ରାମର ଦୁଃଖ କହିଲେ ନସରେ । ଓଡିଶାରେ ରହିଥିବା ବୁରୁଡି ଏବଂ ଛତିଶଗଡ଼ରେ ରହିଥିବା ବୁରୁଡି ଗ୍ରାମ ମଧ୍ୟରେ ଅନେକ ତଫାତ ରହିଛି । ଓଡ଼ିଶାର ବୁରୁଡ଼ି ଗ୍ରାମରେ ବିକାଶର ଛାଇ ପଡିନଥିବା ବେଳେ ଛତିଶଗଡ଼ର ବୁରୁଡି ଗ୍ରାମରେ ବିକାଶ ଆକାଶ ଛୁଇଁଛି । ଓଡ଼ିଶାର ବୁରୁଡି ଗ୍ରାମରେ ପାନୀୟ ଜଳର ଏବେ ଉତ୍କଟ ସମସ୍ୟା ଦେଖାଦେଇଛି । ଏହି ଗ୍ରାମରେ ପ୍ରାୟ ୮୦ ପରିବାର ବସବାସ କରୁଥିବା ବେଳେ ଗ୍ରାମରେ ତିନୋଟି ନଳକୂପ ରହିଛି । କିନ୍ତୁ, ଦୁଇଟି କେବେ ଠାରୁ ଅଚଳ ହୋଇ ପଡିଛି । ଗ୍ରାମବାସୀ ତାହାର ହିସାବ ରଖିନାହାନ୍ତି । ମାତ୍ର ଗୋଟିଏ ନଳକୂପରୁ ରହି ରହି ପାଣି ବାହାରୁଛି । ମନ ହେଲେ ଘଂଟାକରେ ପାଣି ବାହାରୁଛି ନଚେତ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି । ସେହି ପାଣି ମଧ୍ୟ ପିଇବା ଯୋଗ୍ୟ ନୁହେଁ । ବାରମ୍ବାର ଏନେଇ ପଂଚାୟତ ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରିଥିଲେ ମଧ୍ୟ କେହି ଶୁଣୁନଥିବା ଗ୍ରାମବାସୀ କହିଛନ୍ତି । ଏପରିକି ନିକଟରେ ନିର୍ବାଚନରେ ଆସୁଥିବା ନେତାଙ୍କୁ ମଧ୍ୟ ପାନୀୟ ଜଳ ସମସ୍ୟା ନେଇ ଗୁହାରି କରିଥିବା ବେଳେ ସେମାନେ ଏହାର ଖୁବଶୀଘ୍ର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇ ଚାଲିଗଲେ । ପାନୀୟ ଜଳର ସଂକଟକୁ ନେଇ ଭୋଟ ବର୍ଜନ କରିବା ନେଇ ଗ୍ରାମବାସୀ ଚିନ୍ତା କରିଥିଲେ ମଧ୍ୟ ପରମୂହର୍ତରେ ଏହାକୁ ଟାଳି ଦେଇଥିଲେ । ଅନ୍ୟଦିଗରେ ଛତିଶଗଡ଼ର ବୁରୁଡି ଗ୍ରାମରେ ଘରେ ଘରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯିବା ସହ ପ୍ରତ୍ୟେକ ସାହିରେ ଗଳିରେ ନଳକୂପ ରହିଛି । ସେଠାରେ ପାଣି ଭାସୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଶାର ବୁରୁଡି ଗ୍ରାମରେ ପାନୀୟ ଜଳ ସଂକଟ ହିଁ ନୁହେଁ ବରଂ ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ମଧ୍ୟ ପଛରେ ରହିଛି ଏହି ଗାଁ ।


**FORMAT C-1**

**Declaration about criminal cases**

(As per the judgement dated 25th September, 2018, of Hon'ble Supreme Court in WP (Civil) No. 536 of 2011) (Public Interest Foundation & Ors. Vs. Union of India & Anr.)

Name and Address of Candidate : **Ashok Kumar Das**
Name of political party : **Indian National Congress**
Name of Election : **OLA General Election, 2024**
*Name of Constituency : **AC No. 45- Basudebpur**

I, **Ashok Kumar Das** a candidate for the above mentioned election, declare for public information the following details about my criminal antecedents:

(A) Pending criminal cases

| Sl. No | Name of Court | Case No. and dated | Status of Case(s) | Section(s) of Acts concerned and brief description of offence(s) |
|---|---|---|---|---|
| 1. | JMFC COURT, BASUDEVPUR | GR Case No. 916/21 | NA | 143/145/149/186/269/270/283/341 of IPC |
| 2. | SDJM COURT, BHADRAK | 2 (C) CC 357/2018 | NA | A Ws-174 (a) 147 Rly. |
| 3. | JMFC COURT, BASUDEVPUR | GR Case No. 79/12 | NA | 294/341/34 of IPC |

(B) Details about cases of conviction for criminal offences

| Sl.No | Name of Court & date(s) of order(s) | Description of offence(s) & Punishment Imposed | Maximum Punishment Imposed |
|---|---|---|---|
| 1,2 & 3 | Nil | Nil | Nil |

**Sd/- Ashok Kumar Das**


## ଶ୍ରୀ ଶ୍ରୀ ନୃସିଂହଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡ଼ା, ୨୩/୫ (ନି.ପ୍ର): ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଜିଲ୍ଲାର ପଟ୍ଟାମୁଣ୍ଡାଇର ବଣିଆସାହିସ୍ଥିତ ନୃସିଂହ ଦାସଙ୍କ ବାସଭବନରେ ଶ୍ରୀ ଶ୍ରୀ ନୃସିଂହଜୀଉଙ୍କ ଏକ ନୂତନ ମନ୍ଦିର ଉଦଘାଟିତ ହୋଇଯାଇଛି । ଶ୍ରୀ ନୃସିଂହଜୀଉଙ୍କ ବିଗ୍ରହ ପରିକ୍ରମା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା । ପରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉପସ୍ଥିତ ଲୋକମାନଙ୍କୁ ନୃସିହ ଚର୍ତୁଦର୍ଶୀ ପାଳନ କରିବାକୁ ପରାମର୍ଶ ଦେଇ କହିଥିଲେ ଯେ ନୃସିଂହ ଭଗବାନଙ୍କ ବିଜମନ୍ତ୍ର ପାଠକଲେ ପରିବାର, ଗ୍ରାମ ଓ ଦେଶର ମଙ୍ଗଳ ସାଧିତ ହୋଇଥାଏ । ଏହି ଉତ୍ସବରେ କାଉନସିଲର ପ୍ରଶନ୍ନ ଦାସ, ଶିକ୍ଷାବୀତ ପ୍ରମୋଦ କୁମାର ନାୟକ, ମଂଟୁ ଦାସ ପ୍ରମୁଖ ଉପସ୍ଥିତ ଥିବା ବେଳେ ଆଚାର୍ଯ୍ୟବର୍ଗଙ୍କ ଦ୍ୱାରା ଯଜ୍ଞକର୍ମ ସମାପନ ପୂର୍ବକ ପ୍ରଣବ ମହାମନ୍ତ୍ର ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୁନମ ନାୟକ, ନୃସିଂହ ଦାସ, ଚିକୁନ ଦାସ, ନିଲୁ କୁମାର ଦାସ, ଧିରେନ୍ଦ୍ର କୁମାର ଦାସ, ତପସ୍ୱିନୀ ଦାସ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ୬ଜଣଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶେଷରେ ଭଜନ ପରିବେଷଣ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦିଲ୍ଲୀ ସରକାର ଜନତାଙ୍କ ତିଜୋରୀ ...

କହିଛନ୍ତି ଯେ, ମନୀଷ ସିସୋଦିୟାଙ୍କ ମାମଲାରେ ଗତକାଲି କୋର୍ଟଙ୍କ ନିଷ୍ପତିରେ ବହୁତ କିଛି ସ୍ପଷ୍ଟ ହୋଇଛି । କୋର୍ଟ ଅରବିନ୍ଦ କେଜରିୱାଲଙ୍କ ସରକାର ଏବଂ ମାମଲାର ମୁଖ୍ୟ ଅଭିଯୁକ୍ତ ମନୀଷ ସିସୋଦିୟାଙ୍କ ଉପରେ ୧୦୦ କୋଟି ଟଙ୍କା ଦୁର୍ନୀତିର କଥାକୁ ସ୍ୱୀକାର କରିଛନ୍ତି । ଫଇସଲାରେ କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ମନୀଷ ସିସୋଦିୟା ଏହି ମାମଲା ସମ୍ବନ୍ଧରେ ସମସ୍ତ ପ୍ରମାଣ ନଷ୍ଟ କରିଛନ୍ତି । ଏଥିପାଇଁ ତାଙ୍କର ଜାମିନ୍ ଆବେଦନକୁ ଖାରଜ କରାଯାଇଛି ।

### ରାଜ୍ୟରେ ତୃତୀୟ ପର୍ଯ୍ୟାୟ...

ଅତିରିକ୍ତ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ପ୍ରତ୍ୟେକ ମତଦାନ କେନ୍ଦ୍ରରେ ହାରାହାରି ୮୯୬ଜଣ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିପାରିବେ । ମତଦାନକୁ ଶାନ୍ତିଶୃଙ୍ଖଳାରେ ଶେଷ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ସବୁ ସଂସଦୀୟ କ୍ଷେତ୍ରରେ ୧୨୧ କମ୍ପାନୀ କେନ୍ଦ୍ରୀୟ ଫୋର୍ସ ମୁତୟନ କରାଯିବ । ଷ୍ଟ୍ରଙ୍ଗରୁମ୍ ବ୍ୟତିରେକ ଏମାନଙ୍କୁ ପ୍ରାୟ ୨ହଜାର ପୁଲିଂ ଷ୍ଟେସନରେ ନିୟୋଜିତ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଅଧିକ ସଂଖ୍ୟକ ଭୋଟରଙ୍କୁ ନିଜର ମତାଧିକାର ସାବ୍ୟସ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଅପିଲ୍ କରିଛନ୍ତି । ଉଲ୍ଲେଖଯୋଗ୍ୟ, ଏହି ପର୍ଯ୍ୟାୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡି ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ, ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ପ୍ରତାପ ଷଡ଼ଙ୍ଗୀ, ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କ ସମେତ ଭର୍ତ୍ତୃହରି ମହତାବ, ଅରୂପ ପଟ୍ଟନାୟକ, ସନ୍ତୃପ୍ତ ମିଶ୍ର ପ୍ରମୁଖ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି ।

### ୨୬ ଓ ୨୭ ତାରିଖରେ ...

ବାତ୍ୟା ପ୍ରଭାବରେ ୨୬ ତାରିଖରୁ ରାଜ୍ୟରେ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି । ବିଶେଷ କରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ହେବ । ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ସହ କାଁ ଭାଁ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି । ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି ୨୭ ତାରିଖରେ କିଛି କିଛି ସ୍ଥାନରେ ବର୍ଷା ସହ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ବେଳେ ବାଲେଶ୍ୱର ଓ ମୟୂରଭଞ୍ଜରେ ଏହାର ପ୍ରଭାବ ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା କହିଛନ୍ତି । ରାଜ୍ୟରେ ବର୍ତ୍ତମାନ କାଳବୈଶାଖୀ ବର୍ଷା ଜାରି ରହିଥିବା ବେଳେ ୨୪ ଓ ୨୫ ତାରିଖରେ କିଛି ସ୍ଥାନରେ କାଳବୈଶାଖୀ ହେବାର ସମ୍ଭାବନା ରହିଛି । ଘଡଘଡି ବିଜୁଳି ସହ ବର୍ଷା ହେବ । ସେହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିବ ।

### ରାଜ୍ୟର ସମସ୍ତ ୨୧ ...

ବିକାଶ ପାଇଁ କାମ କରୁଛନ୍ତି । ଏବେ ଭାରତର ରାଷ୍ଟ୍ରପତି ଥିବା ଦ୍ରୌପଦୀ ମୁର୍ମୁ ମଧ୍ୟ ଜଣେ ଆଦିବାସୀ ମହିଳା । ଭାରତରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଏକଲବ୍ୟ ମଡେଲ ସ୍କୁଲ ଖୋଲିଛନ୍ତି ମୋଦୀ ସରକାର । ଏବେ ଆଦିବାସୀ ଲୋକ ସଂଗ୍ରହ କରୁଥିବା ୯୦ଟି ଜଙ୍ଗଲଜାତ ଦ୍ରବ୍ୟକୁ ଏମଏସପିରେ ସାମିଲ କରିଛନ୍ତି । କରୋନା ପରେ ମଧ୍ୟ ଭାରତର ଅର୍ଥନୀତି ସୁଦୃଢ ହୋଇଛି । ଏହି ସମୟରେ ଭାରତର ଅର୍ଥନୀତି ୧୧ ନମ୍ବର ସ୍ଥାନରୁ ୫ ନମ୍ବର ସ୍ଥାନରେ ପହଞ୍ଚିଛି । ଆଗାମୀ ୩ ବର୍ଷରେ ଭାରତ ବିଶ୍ୱର ୩ୟ ଅର୍ଥନୈତିକ ରାଷ୍ଟ୍ର ଭାବେ ଉଭା ହେବ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ ମିଳୁଛି । ଓଡ଼ିଶାର କୋଟି କୋଟି ଲୋକ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି । ମୋଦୀ ସରକାର ଉଜ୍ଜ୍ୱଳା ଯୋଜନାରେ ୧୦ କୋଟି ଲୋକଙ୍କୁ ଗ୍ୟାସ ସିଲିଣ୍ଡର ଯୋଗାଇ ଦେଇଛନ୍ତି ।

### ଜମି ଓ ଖଣି ଲୁଟ୍ ପରେ...

ଚାରିଶୋ ପାର ଶୁଣି ବିଜୁ ଜନତା ଦଳର ମୁଣ୍ଡ ବୁଲାଇଲାଣି । ଏମାନେ ତ ସରକାର କରିପାରିବେନି, ଏମାନଙ୍କୁ କାହିଁକି ଜିତାଇବେ ? ବିଜେଡି ତୁଷ୍ଟୀକରଣର ରାଜନୀତି କରୁଛି । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାକାରୀଙ୍କୁ ସୁରକ୍ଷା ଦିଆଯାଉଛି । କଂଗ୍ରେସ, ଟିଏମ୍‌ସି ବିଜେଡିର ନୀତି ଜନବିରୋଧୀ । ଡବଲ ଇଂଜିନ ସରକାରରୁ କିଭଳି ଲାଭ ମିଳେ ୟୁପିରେ ଦେଖେଇଛି । ପ୍ରଭୁ ଜଗନ୍ନାଥ ଆମକୁ ଶକ୍ତି ଦିଅନ୍ତୁ ଓଡ଼ିଶାରେ ଡବଲ ଇଂଜିନ ସରକାର ହେବ ବୋଲି ଯୋଗୀ କହିଛନ୍ତି । ସେହିପରି କଂଗ୍ରେସକୁ ବି କଡ଼ା ସ୍ୱରରେ ଆକ୍ରମଣ କରିଛନ୍ତି ଯୋଗୀ ଆଦିତ୍ୟନାଥ । କହିଛନ୍ତି, ଆଜି ବି ଭାରତରେ ଏମିତି ଲୋକ ଅଛନ୍ତି ଖାଇବେ ଭାରତର, ଗାଇବେ ପାକିସ୍ତାନର । ଭାରତର ଯଦି ବନ୍ଦନ କରିନପାରିବ ତେବେ ଭାରତରୁ ଚାଲିଯାଅ । ମୋଦିଙ୍କ ନେତୃତ୍ୱରେ ସୁରକ୍ଷା, ସମ୍ମାନ, ବିକାଶ ସବୁ ହୋଇଛି । ୫ଶହ ବର୍ଷର ଅପେକ୍ଷାର ଅନ୍ତ ଘଟାଇ ମୋଦି ଶ୍ରୀରାମ ମନ୍ଦିର କରିଛନ୍ତି ।

### ବିଜେପିରେ ସାମିଲ ହେଲେ ...

ଦଳ, ଯିଏ ବିକାଶ କାର୍ଯ୍ୟକୁ ଆଗକୁ ନେଇପାରିବ ବୋଲି ଶ୍ରୀ ମିତ୍ର କହିଛନ୍ତି । ସୂଚନାରୁ ପ୍ରକାଶ, ଜିତୁ ମିତ୍ର ଖୋର୍ଦ୍ଧାରୁ ୩ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ଏଥିର ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଚାହିଁଥିଲେ । ହେଲେ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା । ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ବିଜେଡି ପ୍ରାର୍ଥୀ କରିଥିଲେ । ଯେଉଁଥିପାଇଁ ଜିତୁ ମିଶ୍ର କ୍ଷୁବ୍ଧ ଥିଲେ । ଆଜି ସେ ନିଜ ସମର୍ଥକଙ୍କୁ ଧରି ବିଜେପିରେ ସାମିଲ୍ ହୋଇଛନ୍ତି ।

### କେମିକାଲ ଫ୍ୟାକ୍ଟ୍ରୀରେ...

୩ଟି କୋଠାକୁ ବ୍ୟାପୀ ଯାଇଥିଲା । ସେଥିରୁ ଗୋଟିଏରେ କାର୍ ଶୋ'ରୁମ୍ ରହିଛି । କାର ଶୋ'ରୁମ୍‌ର ପ୍ରାୟ ୧୨ଟି ଗାଡ଼ି ପୋଡ଼ି ଯାଇଥିବା ଜଣାପଡ଼ିଛି । ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ ଆଖପାଖ ଅଞ୍ଚଳରେ ଥିବା କିଛି ଘରର କାଚ ଝରକା ଭାଙ୍ଗି ଯାଇଛି । ଖବର ପାଇଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା । ୧୫ଟି ଦମକଳ ଗାଡ଼ିକୁ ନିଆଁ ଲିଭାଇବା ପାଇଁ ମୁତୟନ କରାଯାଇଛି । ଖବର ଲେଖାଯିବାକୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି । ନିଆଁକୁ କାବୁ କରିବାକୁ ପ୍ରାୟ ୩ ଘଣ୍ଟା ଲାଗି ଯାଇଥିଲା ।

## ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନଙ୍କ ଦ୍ୱାରା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ

ଭଦ୍ରକ, ୨୩/୫ (ନି.ପ୍ର): ଲୋକସଭା ଓ ଓଡ଼ିଶା ବିଧାନ ସଭା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ନେଇ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାଧିକାରୀ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ପୋଲିସ୍ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଆଇ.ପି.ଏସ୍. ଅଧିକାରୀ ରଜନୀକାନ୍ତ ମିଶ୍ର ଏବଂ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାରତୀୟ ରାଜସ୍ୱ ସେବାଧିକାରୀ ହିମାଳିନୀ କାଶ୍ୟପ ଯୋଗଦେଇ ପ୍ରଶାସନିକ ପ୍ରସ୍ତୁତିର ପୂର୍ଣ୍ଣାଙ୍ଗ ସମୀକ୍ଷା କରିଥିଲେ । ଦୁଇ ସାଧାରଣ ପର୍ଯ୍ୟବେକ୍ଷକ ଭଗବତୀ ପ୍ରସାଦ କାଲାଲ ଓ ଅଭିଚଲ ଚତୁର୍ବେଦୀ, ପୋଲିସ୍ ଅବଜରଭର ଅଶୋକ କୁମାର, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆର୍.ଭି. ଅରୁଣ ପ୍ରସାଦ, ରଣବୀର ଭୌମିକ, ଜିତେସ୍ କୁମାର ଜୈନ, ଏସ୍.ପି. ବରୁଣ ଗୁଣ୍ଟୁପାଲି ପ୍ରମୁଖ ଏହି ବୈଠକରେ ଯୋଗଦେଇ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କ ଅବଗତି ନିମନ୍ତେ ନିଜ ନିଜର ଅଭିଜ୍ଞତା ଓ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ବନ୍ଧରେ ସେମାନଙ୍କର ଧାରଣା ସମ୍ବନ୍ଧରେ ଉପସ୍ଥାପନା ରଖିଥିଲେ । ନିର୍ବାଚନ କାର୍ଯ୍ୟ ଓ ପରିଚାଳନା ନେଇ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଉପସ୍ଥାପନ ଆଧାରରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନେ ସମୀକ୍ଷା ଓ ଆଲୋଚନା କରି ଆବଶ୍ୟକମତେ ପରାମର୍ଶ ପ୍ରଦାନ କରିଥିଲେ । ବିଶେଷ କରି ତ୍ରୁଟିଶୂନ୍ୟ, ଅବାଧ, ସ୍ୱଚ୍ଛ ନିର୍ବାଚନ ପରିଚାଳନା ପ୍ରତି ସଦା ସର୍ବଦା ଯତ୍ନବାନ ରହିବାକୁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ତ୍ରିପାଠୀ ବୈଠକରେ ଉପସ୍ଥିତ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ନିର୍ବାଚନ କାର୍ଯ୍ୟରେ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ମାନଙ୍କ ଅଭିଜ୍ଞତା ପଚାରି ବୁଝିଥିଲେ । ତା. ୧୪.୦୫.୨୦୨୪ ରିଖରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ଥିବା ଜିଲ୍ଲାର ସମୁଦାୟ ଭୋଟର ସଂଖ୍ୟା ୧୨,୮୬,୩୭୭ ମତଦାନ ପାଇଁ ଜିଲ୍ଲାର ସମୁଦାୟ ୧୦୨୫ ସ୍ଥାନରେ ସମୁଦାୟ ୧୩୧୨ ଟି ବୁଥ ଏବଂ ସେଥି ମଧ୍ୟରେ ସହରାଞ୍ଚଳରେ ସମୁଦାୟ ୫୫ଟି ସ୍ଥାନରେ ୧୦୪ ଟି ବୁଥ, ଗ୍ରାମାଞ୍ଚଳରେ ୯୭୦ ଟି ସ୍ଥାନରେ ୧୨୦୮ ଟି ବୁଥରେ ଅବସ୍ଥିତି, ସେସବୁରେ ସର୍ବନିମ୍ନ ସୁବିଧା ଉପଲବ୍ଧ ନିଶ୍ଚିତତା କରାଯାଇଥିବା, କେବଳ ମହିଳା ପୋଲିଂ ଅଧିକାରୀ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ୧୩୦ଟି ମୁଖ୍ୟ ବୁଥ୍, ପୁରୁଷ ଓ ମହିଳା ଉଭୟ ପୋଲିଂ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ୪୦୬ ଟି ମିଶ୍ରିତ ବୁଥ୍, ୩୦ ବର୍ଷ ବୟସରୁ କମ୍ କେବଳ ଯୁବ ପୋଲିଂ ଅଧିକାରୀ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ୫ଟି ବୁଥ୍, ଦିବ୍ୟାଙ୍ଗ ପୋଲିଂ ଅଧିକାରୀଙ୍କ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁଥିବା ୧ଟି ବୁଥ୍, ସମସ୍ତ ବୁଥ ପାଇଁ ନିୟୋଜିତ ପୋଲିଂ ଅଧିକାରୀ ମାନଙ୍କୁ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ, ଇଭିଏମ୍ ଷ୍ଟ୍ରଙ୍ଗରୁମ, ବିତରଣ କେନ୍ଦ୍ର ଓ ଗଣତି କେନ୍ଦ୍ରର ଅବସ୍ଥିତି ଓ ପ୍ରସ୍ତୁତି ଆଦି ସମ୍ବନ୍ଧରେ ଜିଲ୍ଲାପାଳ ପୂର୍ଣ୍ଣାଙ୍ଗ ବିବରଣୀ ଦୃଶ୍ୟ ଫଳକ ଜରିଆରେ ଉପସ୍ଥାପନ କରିଥିଲେ । ନିର୍ବାଚନ ପରିଚାଳନାରେ ଶାନ୍ତିଶୃଙ୍ଖଳା ରକ୍ଷା ସୂଚନାରୁ ରୂପେ ମତଦାନ କାର୍ଯ୍ୟକ୍ରମ ଆଦି ପାଇଁ ପୋଲିସ୍ ମତଦାନ ବ୍ୟବସ୍ଥା ସମ୍ବନ୍ଧରେ ଏସ୍.ପି. ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କୁ ଅବଗତ କରାଇଥିଲେ । ରିଟର୍ଣ୍ଣିଂ ଅଧିକାରୀ ଭାବେ ୨ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ବିତ କୁମାର ଗଡ଼ନାୟକ, ସି.ଡ଼ି.ଓ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟଙ୍କ ସହ ଡେପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ସଂପୃକ୍ତ ନୋଡ଼ାଲ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

ଶୁକ୍ରବାର, ମଇ ୨୪, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବିଜେପି ମୟୂରଭଞ୍ଜ ଲୋକସଭା ପ୍ରାର୍ଥୀଙ୍କ ଦୁର୍ଦ୍ଦଶାଗ୍ରସ୍ତ ବସ୍ତି ପରିଦର୍ଶନ

ବାରିପଦା, ୨୩/୫ (ନି.ପ୍ର): ବିଜେପିର ମୟୂରଭଞ୍ଜ ଲୋକସଭା ଆସନ ପ୍ରାର୍ଥୀ ନବଚରଣ ମାଝୀ ଗୁରୁବାର ଦିନ ବାରିପଦାର ଆଠ ନମ୍ବର ୱାର୍ଡ ଅନ୍ତର୍ଗତ ଅବହେଳିତ ଡଙ୍ଗାସାହି ବସ୍ତି ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେ ସେଠାରେ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ବୁଝିଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ବାରିପଦା-ପୋଡ଼ାଅସ୍ତିଆ ସଂଯୋଗକାରୀ (ବୁଢ଼ାବଳଙ୍ଗ ନଦୀ ଉପରେ) ପୋଲ ନିର୍ମାଣ ହେବା ପରେ ଯାତାୟାତ ଦୃଷ୍ଟିରୁ ଲୋକେ ପ୍ରବଳ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଡଙ୍ଗାସାହି ବସ୍ତି ବାସିନ୍ଦାମାନେ ଶ୍ରୀ ମାଝୀଙ୍କୁ ଅବଗତ କରାଇଥିଲେ। ସ୍ଥାନୀୟ ଅଧିବାସୀଙ୍କ ଅସୁବିଧା କଥା ଶୁଣିବା ପରେ ତାଙ୍କ ଦଳ କ୍ଷମତାକୁ ଆସିଲେ ଏହାର ସମାଧାନ କରାଯିବ ବୋଲି ଶ୍ରୀ ମାଝୀ ଆଶ୍ୱାସନା ଦେଇଥିଲେ। ଶ୍ରୀ ମାଝୀଙ୍କ ଏହି ଦୁର୍ଗତ ଅଞ୍ଚଳ ପରିଦର୍ଶନ ବେଳେ ତାଙ୍କ ସହ ବିଜେପି ରାଜ୍ୟ ମୁଖପାତ୍ର କବିବିଷ୍ଣୁ ଶତପଥୀ, ବରିଷ୍ଠ ନେତା ନରୋତ୍ତମ ପାଣିଗ୍ରାହୀ, ସ୍ଥାନୀୟ ଯୁବନେତା ତରୁଣ ପାଲବାବୁ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସାଧାରଣ ସମ୍ପାଦକ ମନୋଜ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିପୂର୍ବରୁ ବିଜେପିର ଆଠ ନମ୍ବର ୱାର୍ଡ଼ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍ଘାଟିତ ହୋଇଥିଲା। ଶ୍ରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦଘାଟନ ଉତ୍ସବରେ ବହୁ ଯୁବକ ଓ ମହିଳା ଯୋଗ ଦେଇଥିଲେ।



## ବୈଶିଙ୍ଗା ବସଷ୍ଟାଣ୍ଡ ଜାଗା ଜବର ଦଖଲ



ବେତନଟୀ , ୨୩/୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ବଜାର ଅଞ୍ଚଳରେ ୨୦ ବର୍ଷ ପୂର୍ବେ ତତ୍କାଳୀନ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରମିଳା ଗିରିଙ୍କ ପ୍ରଚେଷ୍ଟାରେ ବୈଶିଙ୍ଗା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ଗ୍ରାମ୍ୟ ଜଙ୍ଗଲ କିସମ ଜମି ମଧ୍ୟରୁ ଦୁଇ ଏକର ପଞ୍ଚତିରିଶ ଡେସିମିଲି ଜମି ବୈଶିଙ୍ଗା ବସଷ୍ଟାଣ୍ଡ ପାଇଁ ସଂରକ୍ଷିତ କରା ଯାଇଥିଲା । ତତ୍କାଳୀନ ବିଧାନସଭା ଗୃହ କମିଟୀର ଚେୟାରମ୍ୟାନ ତଥା ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବଂ କମିଟୀର ସଦସ୍ୟ ମାନେ ବୈଶିଙ୍ଗା ଠାରେ ଏକ ବସ ଟର୍ମିନାଲ ର ଆବଶ୍ୟକତାକୁ ଉପଲବ୍ଧି କରି ବେତନଟୀ ତହସିଲଦାରଙ୍କୁ ଏହି ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ସରକାରୀ କାଗଜପତ୍ରରେ ବସଷ୍ଟାଣ୍ଡ ପାଇଁ ଏହି ଜମି ସଂରକ୍ଷିତ ହେଲା। ୨୦୦୯ ନିର୍ବାଚନ ପୂର୍ବରୁ ନିର୍ବାଚନ ମଣ୍ଡଳୀ ପୂନର୍ଗଠନ ଫଳରେ ବୈଶିଙ୍ଗା ନିର୍ବାଚନ ମଣ୍ଡଳୀର ନାମ ପରିବର୍ତ୍ତନ କରାଯାଇ ବଡସାହି ଆସନ ନାମକରଣ ହେଲା। ତେବେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନର ଅପାରଗତା ଯୋଗୁଁ ଆଜି ପର୍ଯ୍ୟନ୍ତ ଟର୍ମିନାଲ ତିଆରି ହୋଇ ପାରୁନାହିଁ। ଫଳରେ ଯାତ୍ରୀମାନଙ୍କୁ ହଇରାଣ ହରକତ ହେବାକୁ ପଡୁଛି। ଏହି ଜମି ଚିହ୍ନଟ ହୋଇଥିଲେ ମଧ୍ୟ ଅଧିଗ୍ରହଣ ନହେବା ଦ୍ୱାରା ଜବରଦଖଲକାରୀ ମାନେ ଅନାୟାସରେ ଏହି ସ୍ଥାନରେ ପକ୍କା ଘର ମାନ ନିର୍ମାଣ ଆରମ୍ଭ କରିସାରିଲେଣି। ରୋଚକ ବିଷୟ ଯେ ଏହି ଜମିକୁ ବାହାର ଜିଲ୍ଲାର ସଂଖ୍ୟାଲଘୁ ବ୍ୟକ୍ତି ବିଶେଷଙ୍କୁ ଏହି ଜବରଦଖଲକାରୀ ମାନେ ଲକ୍ଷ ଲକ୍ଷ ଟଙ୍କାରେ ଅବୈଧ ଭାବରେ ବିକ୍ରୀବଟା କରୁଥିବାର ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୂର୍ବ ତହସିଲଦାର ଜବରଦଖଲକାରୀଙ୍କୁ ହଟାଇବାରେ ପଦକ୍ଷେପ ନେଇନଥିଲେ । ବର୍ତ୍ତମାନର ତହସିଲଦାରଙ୍କୁ ଏ ବିଷୟରେ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ନାନାଦି ଆଳ ଦେଖାଇ କାଳକ୍ଷେପଣ ନିତି ଅବଲମ୍ବନ କରୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ରାଜସ୍ୱ ବିଭାଗରେ କାର୍ଯ୍ୟରତ ତହସିଲଦାର, ସୁପରଭାଇଜର ଓ ସ୍ଥାନୀୟ ଆର ଆଇ ଏସବୁକୁ ଆଖି ବନ୍ଦ କରି କେଉଁ ପରିସ୍ଥିତିରେ ବସିରହିଛନ୍ତି । ଜବର ଦଖଲକାରୀମାନେ ସରକାରୀ ଜମିରେ ଘରଦ୍ୱାର କରି ରହିଯିବା ଦ୍ୱାରା ଭବିଷ୍ୟତରେ ବସଷ୍ଟାଣ୍ଡ ନିର୍ମାଣରେ ବାଧା ସୃଷ୍ଟି କରିପାରେ ବୋଲି ବୁଦ୍ଧିଜୀବି ମହଲରେ ଆଶଙ୍କା ଦେଖା ଦେଇଛି । ବେତନଟୀ ତହସିଲଦାର ସୁରଥ ଚନ୍ଦ୍ର ରାଉତଙ୍କୁ ପଚାରିବାରୁ ସେ ଅଳ୍ପଦିନ ହେବ ଏଠାରେ ଦାୟିତ୍ୱ ଗ୍ରହଣ କରିଥିବା ଏବଂ ନିର୍ବାଚନ କାର୍ଯ୍ୟରେ ଅତ୍ୟଧିକ ବ୍ୟସ୍ତ ରହୁଥିବା ଯୋଗୁଁ ଏଦିଗରେ ପଦକ୍ଷେପ ନେଇପାରି ନାହାନ୍ତି , ମାତ୍ର ନିର୍ବାଚନ ସରିବାପରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟ ପକ୍ଷରେ ତୁରନ୍ତ ଏହି ଜବରଦଖଲକାରୀଙ୍କୁ ସରକାରୀ ଜମିରୁ ଉଚ୍ଛେଦ କରି ବସଷ୍ଟାଣ୍ଡ ନିର୍ମାଣରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ବଡସାହି, ୨୩/୫ (ନି.ପ୍ର): ବଡ଼ସାହି ଥାନା ଅଧୀନ ସୁହାଗପୁର ପଞ୍ଚାୟତର ନାଏବସରପଞ୍ଚ କଉଡିଖଣି ଗ୍ରାମର ଶଶିଧର ମହାନ୍ତିଙ୍କ ସ୍ତ୍ରୀ ରଞ୍ଜିତା(୪୦) ବେକରେ ଫାସିଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ସ୍ୱାମୀଙ୍କ ଅନୁପସ୍ଥିତିରେ ରଞ୍ଜିତାଘର ଭିତରେ ବେକରେ ଫାଶି ଲଗାଇ ଝୁଲି ପଡ଼ିଥିଲେ। ପୁଅ ମାଆଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଡାକ ପକାଇବାରୁ ପଡିଶା ଲୋକେ ପହଞ୍ଚି ରଞ୍ଜିତାଙ୍କୁ ଉଦ୍ଧାରକରି ସଙ୍ଗେ ସଙ୍ଗେ ବଡସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଡାକ୍ତରଖାନାରେ ଶବ ବୋହିବା ପାଇଁ ଷ୍ଟ୍ରେଚରଟିଏନ ଥିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା । ସ୍ୱାମୀ ଶଶିଧର ଓ ସମ୍ପର୍କୀୟ ଶବକୁଟେକି ଆଣି ଶବଗୃହରେ ରଖିଥିଲେ। ଖବରପାଇ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ସ୍ମୃତିରେ ସୁନୀଲ



ଭୁବନେଶ୍ୱର , ୨୩/୫ (ନି.ପ୍ର): ବିଶିଷ୍ଟ କବି ସୁନୀଲ କୁମାର ପୃଷ୍ଟିଙ୍କର ଅକାଳ ବିୟୋଗରେ ମର୍ମାହତ ପୁରୁଣା ବସଷ୍ଟାଣ୍ଡ ଖଟିର ସଦସ୍ୟମାନେ ଏକ ଅଣଔପଚାରିକ ସ୍ମୃତିସଭାର ଆୟୋଜନ କରିଥିଲେ । ବିଶିଷ୍ଟ କବି ଓ କଥାକାର ଅଜୟ ସ୍ୱାଇଁ, କବି ରଜନୀ ରଞ୍ଜନ, କବି ଅଭିରାମ ଦାସ, ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ, କବି କେଦାର ମିଶ୍ର, କବି ପବିତ୍ରମୋହନ କର, କବି ରମାକାନ୍ତ ସାମନ୍ତରାୟ, କବି ସଞ୍ଜୟ ଭଟ୍ଟ, କବି ଶକ୍ତି ମହାନ୍ତି, କବି ରମାକାନ୍ତ ଗୋଛାୟତ, କବି ଶ୍ରୀମନ୍ତ ପଣ୍ଡା, ଅଭିନେତା ଦୁଷ୍ମନ୍ତ ବଗଲା, କବି ପ୍ରିୟରଞ୍ଜନ ମହାନ୍ତି, ସ୍ୱରୂପ ନାୟକ, ଦେବବ୍ରତ ଦାସ, ବାଦଲ ମହାନ୍ତି, ସୁମନ ଦାଶ, ଅମରେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିରବ ପ୍ରାର୍ଥନା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ଏଥିସହ ତାଙ୍କର ପାଞ୍ଚୋଟି ପୃଥିବୀ କବିତା ବହିରୁ ପାଞ୍ଚୋଟି କବିତା ପାଠ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ପାନୀୟଜଳ ପାଇଁ ରାସ୍ତା ଅବରୋଧ

ବଡସାହି, ୨୩/୫ (ନି.ପ୍ର): ବଡ଼ସାହି ବ୍ଲକ ଅଧୀନ ସାନକେରକେ ପଞ୍ଚାୟତରେ ବସୁଧା ଯୋଜନାରେ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି।ତେବେ ଉକ୍ତ ଜଳ ଯୋଗାଣ ସକାଶେ ସ୍ଥାନୀୟ ଦୁଇ ଜଣ ଲୋକଙ୍କୁ ସ୍ୱଳ୍ପ ବେତନରେ ପଞ୍ଚାଯତ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମାତ୍ର କିଛିଦିନହେବ ସରପଞ୍ଚ ସେମାନଙ୍କଠାରୁ ଦାୟିତ୍ୱହଟାଇ ବିଭାଗୀୟ ଆଇସିଏମଙ୍କ ଦ୍ୱାରା ପାଣି ଯୋଗାଇବାର ବ୍ୟବସ୍ଥା କରାଇଥିଲେ। ଆରସିଏମ କର୍ମଚାରୀଙ୍କ ଦାୟିତ୍ୱହୀନତା ସକାଶେ ପ୍ରତ୍ୟୁଷରୁ ପାଣିଯୋଗଣ ବନ୍ଦ ରହିଥିଲା । ପଞ୍ଚାୟତ ବାସୀ ପୂର୍ବାହ୍ନରୁ ପାନୀୟ ଜଳ ପାଇ ନ ଥିଲେ। ତେଣୁ ପାଣି ଯୋଗାଣ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ୯.୩୦ରୁ ବାରିପଦା-ଉଦଳା ରାସ୍ତାକୁ ସାନକେରକେ ଠାରେ ଗରା, ବଲଟି, ଢମା ରଖି ଅବରୋଧ କରିଥିଲେ। ଖବରପାଇ ବଡ଼ସାହି ପୋଲିସ ପହଞ୍ଚି ସମାଧାନ ସକାଶେ ବୁଝାସୁଝା କରିଥିଲା। ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ମଧ୍ୟ ଉପସ୍ଥିତଥିଲେ। ମାତ୍ର ପାଣି ଯୋଗାଣର ଅବ୍ୟବସ୍ଥା ହୋଇଥିଲା। ସରପଞ୍ଚ ପହଞ୍ଚିବାପରେତାଙ୍କୁ ମଧ୍ୟ ଗ୍ରାମବାସୀ ଦୀର୍ଘ ସମୟଧରି ଖରାରେ ଛିଡା କରାଇଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ଯୋଗୁ ବିବା୧୧.୩୦ରେ ରାସ୍ତା ଅବରୋଧ ଉଠିଥିଲା ଓ ପାଣି ଯୋଗାଣ ସ୍ୱାଭାବିକ ହୋଇଥିଲା ।


### ବିଜ୍ଞାପନ

## ମହାନ୍ତି ମେଗାମାର୍ଟ

### ରେମୁଣା ଗୋଲେଇ, ବାଲେଶ୍ୱର

### ପ୍ରୋ : ରାକେଶ ମହାନ୍ତି

### ମୋ-୭୦୦୮୪୮୩୯୯୬

ଏତଦ୍ୱାରା ଜଣାଇ ଦିଅଯାଉଛିକି, ଆମ୍ଭ ଗାରମେଣ୍ଟ ସୋରୁମରେ ଷ୍ଟକ ଥିବା ୮୦ ଲକ୍ଷ ଟଙ୍କାର ବିଭିନ୍ନ ଫେସନ ଆଇଟମ୍, କିଡସ୍ ଆଇଟମ, ଶାଢ଼ୀ, ପ୍ୟାଣ୍ଟ, ସାର୍ଟକୁ ୧୫ ଲକ୍ଷ ଟଙ୍କାରେ ବିକ୍ରୟ କରାଯିବ। ଇଚ୍ଛୁକ ବ୍ୟବସାୟୀ ଦୋକାନୀ କିମ୍ବା ବ୍ୟକ୍ତିବିଶେଷ ସମସ୍ତ ଗାରମେଣ୍ଟକୁ କିଣିବାକୁ ଚାହିଁଲେ ଉପର ଲିଖିତ ଫୋନ୍ ନଂରେ ଯୋଗାଯୋଗ କରିପାରିବେ। ପ୍ରଥମ କ୍ରେତାଙ୍କୁ ଅଗ୍ରାଧିକାର ଦିଆଯିବ।


## ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କ ଦ୍ୱାରା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ




ଭଦ୍ରକ, ୨୩/୫ (ନି.ପ୍ର): ଲୋକସଭା ଓ ଓଡ଼ିଶା ବିଧାନ ସଭା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ନେଇ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କ ଦ୍ୱାରା ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବାଧିକାରୀ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ପୋଲିସ୍ ପର୍ଯ୍ୟେବେକ୍ଷକ ଅବସରପ୍ରାପ୍ତ ଆଇ.ପି.ଏସ୍. ଅଧିକାରୀ ରଜନୀକାନ୍ତ ମିଶ୍ର ଏବଂ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାରତୀୟ ରାଜସ୍ୱ ସେବାଧିକାରୀ ହିମାଳିନୀ କାଶ୍ୟପ ଯୋଗଦେଇ ପ୍ରଶାସନିକ ପ୍ରସ୍ତୁତିର ପୂର୍ଣ୍ଣାଙ୍ଗ ସମୀକ୍ଷା କରିଥିଲେ। ଦୁଇ ସାଧାରଣ ପର୍ଯ୍ୟବେକ୍ଷକ ଭଗବତୀ ପ୍ରସାଦ କାଲାଲ ଓ ଅଭିଚଲ ଚତୁର୍ବେଦୀ, ପୋଲିସ୍ ଅବଜରଭର ଅଶୋକ କୁମାର, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆର୍.ଭି. ଅରୁଣ ପ୍ରସାଦ, ରଣବୀର ଭୌମିକ, ଜିତେସ୍ କୁମାର ଜୈନ, ଏସ୍.ପି. ବରୁଣ ଗୁଣ୍ଟୁପାଲି ପ୍ରମୁଖ ଏହି ବୈଠକରେ ଯୋଗଦେଇ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କ ଅବଗତି ନିମନ୍ତେ ନିଜ ନିଜର ଅଭିଜ୍ଞତା ଓ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ବନ୍ଧରେ ସେମାନଙ୍କର ଧାରଣା ସମ୍ବନ୍ଧରେ ଉପସ୍ଥାପନା ରଖିଥିଲେ। ନିର୍ବାଚନ କାର୍ଯ୍ୟ ଓ ପରିଚାଳନା ନେଇ ଜିଲ୍ଲା ପ୍ରଶାସନର ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଉପସ୍ଥାପନ ଆଧାରରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନେ ସମୀକ୍ଷା ଓ ଆଲୋଚନା କରି ଆବଶ୍ୟକମତେ ପରାମର୍ଶ ପ୍ରଦାନ କରିଥିଲେ। ବିଶେଷ କରି ତ୍ରୁଟିଶୂନ୍ୟ, ଅବାଧ, ସ୍ୱଚ୍ଛ ନିର୍ବାଚନ ପରିଚାଳନା ପ୍ରତି ସଦା ସର୍ବଦା ଯତ୍ନବାନ ରହିବାକୁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ତ୍ରିପାଠୀ ବୈଠକରେ ଉପସ୍ଥିତ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ନିର୍ବାଚନ କାର୍ଯ୍ୟରେ ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ମାନଙ୍କ ଅଭିଜ୍ଞତା ପଚାରି ବୁଝିଥିଲେ। ତା.୧୪.୦୫.୨୦୨୪ ରିଖରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ଥିବା ଜିଲ୍ଲାର ସମୁଦାୟ ଭୋଟର ସଂଖ୍ୟା ୧୨,୮୬,୩୭୭ ମତଦାନ ପାଇଁ ଜିଲ୍ଲାର ସମୁଦାୟ ୧୦୨୫ ସ୍ଥାନରେ ସମୁଦାୟ ୧୩୧୨ ଟି ବୁଥ ଏବଂ ସେଥି ମଧ୍ୟରେ ସହରାଞ୍ଚଳରେ ସମୁଦାୟ ୫୫ଟି ସ୍ଥାନରେ ୧୦୪ ଟି ବୁଥ୍, ଗ୍ରାମାଞ୍ଚଳରେ ୯୭୦ ଟି ସ୍ଥାନରେ ୧୨୦୮ ଟି ବୁଥ୍‌ରେ ଅବସ୍ଥିତି, ସେସବୁରେ ସର୍ବନିମ୍ନ ସୁବିଧା ଉପଲବ୍‌ଧ ନିଶ୍ଚିତତା କରାଯାଇଥିବା, କେବଳ ମହିଳା ପୋଲିଂ ଅଧିକାରୀ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ୧୩୦ଟି ମୁଖ୍ୟ ବୁଥ୍, ପୁରୁଷ ଓ ମହିଳା ଉଭୟ ପୋଲିଂ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ୪୦୬ ଟି ମିଶ୍ରିତ ବୁଥ୍, ୩୦ ବର୍ଷ ବୟସରୁ କମ୍ କେବଳ ଯୁବ ପୋଲିଂ ଅଧିକାରୀ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ୫ଟି ବୁଥ୍, ଦିବ୍ୟାଙ୍ଗ ପୋଲିଂ ଅଧିକାରୀଙ୍କ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁଥିବା ୧ଟି ବୁଥ୍, ସମସ୍ତ ବୁଥ ପାଇଁ ନିୟୋଜିତ ପୋଲିଂ ଅଧିକାରୀ ମାନଙ୍କୁ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ, ଇଭିଏମ୍ ଷ୍ଟ୍ରଙ୍ଗରୁମ୍, ବିତରଣ କେନ୍ଦ୍ର ଓ ଗଣତି କେନ୍ଦ୍ରର ଅବସ୍ଥିତି ଓ ପ୍ରସ୍ତୁତି ଆଦି ସମ୍ବନ୍ଧରେ ଜିଲ୍ଲାପାଳ ପୂର୍ଣ୍ଣାଙ୍ଗ ବିବରଣୀ ଦୃଶ୍ୟ ଫଳକ ଜରିଆରେ ଉପସ୍ଥାପନ କରିଥିଲେ। ନିର୍ବାଚନ ପରିଚାଳନାରେ ଶାନ୍ତିଶୃଙ୍ଖଳା ରକ୍ଷା ସୂଚନାରୁ ରୂପେ ମତଦାନ କାର୍ଯ୍ୟକ୍ରମ ଆଦି ପାଇଁ ପୋଲିସ୍ ମତଦାନ ବ୍ୟବସ୍ଥା ସମ୍ବନ୍ଧରେ ଏସ୍.ପି. ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ମାନଙ୍କୁ ଅବଗତ କରାଇଥିଲେ। ରିଟର୍ଣ୍ଣିଂ ଅଧିକାରୀ ଭାବେ ୨ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ବିତ କୁମାର ଗଡ଼ନାୟକ, ସି.ଡ଼ି.ଓ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟଙ୍କ ସହ ଡେପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଡେପୁଟୀ କଲ୍ଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଓ ସଂପୃକ୍ତ ନୋଡ଼ାଲ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ।

## ଚନ୍ଦନ ପୂର୍ଣ୍ଣିମା ଉପଲକ୍ଷେ ପାନୀୟ ଜଳ ବିତରଣ



ବାଲେଶ୍ୱର, ୨୩/୫ (ନି.ପ୍ର): ଭାରତୀୟ ଷ୍ଟେଟବ୍ୟାଙ୍କ ପେନସନର୍ସ ଏସୋସିଏସନ ଓ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଶାଖା ଆନୁକୁଲ୍ୟରେ ସ୍ଥାନୀୟ ମୀର୍ଜାପୋଖରୀ ଚନ୍ଦନ ଯାତ୍ରାରେ ଲୋକମାନଙ୍କୁ ପ୍ରତିବର୍ଷ ପରି ପାନୀୟ ଜଳ ଯୋଗାଇଦେବାପାଇଁ ବ୍ୟବସ୍ଥା କରାଯାଇଛି। ତା ୨୨-୦୫-୨୪ ରୁ ୨୩-୦୫-୨୪ ପର୍ଯ୍ୟନ୍ତ ଦୁଇଦିନ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଏସୋସିଏସନର ସଭାପତି ଶ୍ରୀଯୁକ୍ତ ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଆରମ୍ଭ କରାଯାଇଛି । ଏହି ଉଦ୍ଦେଶ୍ୟରେ ଦିଆଯାଇଥିବା ଷ୍ଟଲକୁ ଅବସର ପ୍ରାପ୍ତ ଚିଫ୍ ମ୍ୟାନେଜର ଶ୍ରୀଯୁକ୍ତ ତୁଳସୀ ରଞ୍ଜନ ମିଶ୍ର ଓ ବାଲେଶ୍ୱର ଜୋନାଲ ଅଫିସ ବର୍ଲାବାଡିଆ ଯୁଗ୍ମ ଭାବରେ ଉଦଘାଟନ କରିବା ପରେ ଜଳ ବିତରଣ କରାଯାଇଥିଲା। ବାଲେଶ୍ୱର ରିଜିଓନାଲ ଅଫିସ ର ରିଜିଓନାଲ ମ୍ୟାନେଜର ଶ୍ରୀଯୁକ୍ତ ଯଶୋବନ୍ତ ଦାଶ, ବାଲେଶ୍ୱର ମୁଖ୍ୟ ଶାଖାର ପ୍ରବନ୍ଧକ ଶ୍ରୀଯୁକ୍ତ ଶୁଭେନ୍ଦୁ ପଣ୍ଡାଙ୍କ ସମେତ ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ଗୌରାଙ୍ଗ ମଲ୍ଲିକ, ଅଶୋକ ସାହୁ, ଗଣେଶ ଚନ୍ଦ୍ର ଜେନା,ମାନସ କୁମାର ମହାପାତ୍ର, ପରମାନନ୍ଦ ଦେ, ସନ୍ତୋଷ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ପରେଶ ଚନ୍ଦ୍ର ଦାଶ, ନିତ୍ୟାନନ୍ଦ ରାଉତ, ନିଖିଲ ଆସ୍, ରମାକାନ୍ତ ମହାନ୍ତି, ବିଜୟ କୁମାର ନାୟକ, ଅନିରୁଦ୍ଧ ବେହେରା, ଦିବାକର ମାଝୀ, ପ୍ରଫୁଲ୍ଲ ପାତ୍ର, ଗଣେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ ମିଶ୍ର, ପରମାନନ୍ଦ ବେହେରା, ଅଶୋକ ଦାସ, ରାଜେଶ ବେହେରା, ଅରୁଣ କୁମାର ପାଢୀ, ବିଶ୍ୱନାଥ ସୋରେନ, ରଜନୀକାନ୍ତ ବେହେରା ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ନିର୍ବାଚନ ବେଳେ ଜାଲ ନୋଟକୁ ନେଇ ଚର୍ଚ୍ଚା

ପୁରୀ, ୨୩/୫ (ନି.ପ୍ର): ନିର୍ବାଚନ ବେଳେ ରାତିରେ ଗାନ୍ଧି ଙ୍କ ଅନ୍ଧାରି ବିଜେ ହେଉଥିବା ଶୁଣାଯାଉଛି । ମାଲ କୁ ମାଉଁସ ମୁଣ୍ଡକୁ ଯୋଡ଼େ ପାଂଚ ଶହ ହିସାବରେ ପେଣ୍ଟକଟା, ବାଲିଆପଣ୍ଡା ବସ୍ତି ରେ ବଂଟା ଯାଉଥିବା ଆଲୋଚନା ହେଉଛି। ଅନ୍ଧାରରେ ଟଙ୍କା ବଂଟନ ଓ ଲୁଚାଛପା ତରବରିଆ ଭାବେ ଟଙ୍କା ଗ୍ରହଣ କରୁଥିବାରୁ ଅସଲି ନକଲି ଦେଖୁନାହାନ୍ତି। ସକାଳୁ ଜଳଖିଆ ଓ ଗ୍ରୋସରୀ ଦୋକାନରେ ଦେବାରେ ତାହା ନକଲି ଜଣାପଡିବା ପରେ କାନ ମୁଣ୍ଡା ଆଉଁସି ଘରକୁ ଫେରୁଛନ୍ତି। ପେଣ୍ଟକଟା ଅଂଚଳରେ ଅଧିକ ଝୁମ୍ପୁଡ଼ି ଘର ଓ ଜନ୍‌ବହୁଳ ଅଂଚଳ ହୋଇଥିବାରୁ କିଏ କେତେବେଳେ ଅନ୍ଧାରରେ କଣ ବାଂଟୁଛି ତାହା ଜାଣି ହେଉନାହିଁ ବୋଲି ବୁଦ୍ଧିଜୀବୀ ମାନେ କହୁଛନ୍ତି। ଏହାକୁ ନେଇ ଏବେ ସହରରେ ଚର୍ଚ୍ଚା ଚାଲିଛି।

## ନୀଳଗିରିରେ ଡବଲ ଇଞ୍ଜିନ ପାଇଁ ଭୋଟ ଭିକ୍ଷା କଲେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ




ନୀଳଗିରି, ୨୩/୫ (ନି.ପ୍ର): ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଚାଲିଥିବା ବେଳେ ଆଜି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ବିଶାଳ ଯୁବସମାବେଶରେ ଯୋଗଦେଇ ଉଭୟ ବାଲେଶ୍ୱର ସାଂସଦ ଏବଂ ନୀଳଗିରି ବିଧାୟକ ପ୍ରାର୍ଥୀଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ଗତକାଲି ବିଜେଡ଼ି ପଞ୍ଚଲିଙ୍ଗେଶ୍ୱର ଠାରେ ଯୁବ ସମାବେଶ କରିଥିବା ବେଳେ ଆଜି ବିଜେପି ପକ୍ଷରୁ ସନ୍ତରାଗଡ଼ିଆ ଠାରେ ପ୍ରାୟ ୫ହଜାରରୁ ଉର୍ଦ୍ଧ୍ୱ ଯୁବକ ମାନଙ୍କୁ ନେଇଏକ ବିଶାଳ ଯୁବ ସମାବେଶ ଅନୁଷ୍ଠିତ ହୋଇଥିବା ଦେଖାଯାଇଛି ।ଉକ୍ତ ସମାବେଶରେ ଯୋଗ ଦେବାପାଇଁ ପୂର୍ବାହ୍ନ ୧୧ ଘଟିକା ସମୟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରି ବସ ଷ୍ଟାଣ୍ଡରେ ପହଂଚି ଥିଲେ । ସେଠାରେ ଯୁବ ବିଜେପିର ବହୁ କର୍ମକର୍ତ୍ତା, ବିଧାୟକ ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ଉଭୟ ନେତାଙ୍କୁ ଭବ୍ୟ ସ୍ୱାଗତ କରି ୧ ହଜାରରୁ ଉର୍ଦ୍ଧ୍ୱ ମୋଟର ସାଇକେଲ ଶୋଭାଯାତ୍ରା ସନ୍ତରାଗଡ଼ିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ।ସେଠାରେ କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଉଦବୋଧନ ଦେଇ ଏହି ବିଶାଳ ଯୁବ ସମାବେଶରୁ ସ୍ପଷ୍ଟ ବାରି ହୋଇପଡୁଛି ଆଗାମୀ ନିର୍ବାଚନରେ ବିଜେପିର ବିଜୟ ସୁନିଶ୍ଚିତ ।ନୀଳଗିରି ମାଟିର ଯୁବକ ମାନଙ୍କର ଅନେକ ଶ୍ରଦ୍ଧା ଓ ବିଶ୍ୱାସ ଉଭୟ ପ୍ରତାପ ନନା ଓ ସନ୍ତୋଷ ଭାଇଙ୍କ ପ୍ରତି ରହିଛି ।ଏହି ଶ୍ରଦ୍ଧା ଓ ବିଶ୍ୱାସକୁ ଆଗାମୀ ଜୁନ ୧ ତାରିଖରେ ଗୋଟିଏ ପଦ୍ମଫୁଲ ଚିହ୍ନର ବଟମ ପ୍ରତାପନନାଙ୍କୁ ଓ ଆଉ ଗୋଟିଏ ପଦ୍ମଫୁଲ ସନ୍ତୋଷ ଭାଇଙ୍କୁ ମାରି ବିପୁଳ ସଂଖ୍ୟାରେ ଜିତାଇବା ପାଇଁ ଉପସ୍ଥିତ ହଜାର ହଜାର ଯୁବକ ଯୁବତୀ ଓ ସମସ୍ତ ବିଜେପିର କର୍ମକର୍ତ୍ତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ଆୟୋଜିତ ସଭାରେ ସାଂସଦ ପ୍ରାର୍ଥୀ ଶ୍ରୀ ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ଶ୍ରୀଖଟୁଆ ନିଜନିଜ ବକ୍ତବ୍ୟରେ ଉଭୟଙ୍କୁ ପଦ୍ମଫୁଲ ଚିହ୍ନରେ ମୋହର ମାରି ଜିତାଇବା ସହିତ କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତ ମୁଠାକୁ ଟାଣ କରିବାପାଇଁ ନିବେଦନ କରିଥିଲେ। ଉକ୍ତ ଯୁବ ସମାବେଶରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେପିର କେନ୍ଦ୍ରୀୟ ସଂଯୋଜକ ଭୈରବ ଶର୍ମା, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ ସଭାପତି ବଳରାମ ବିଶ୍ୱାଳ, ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, କାଣ୍ଡଗରଡି ସରପଞ୍ଚ ରାଜେନ୍ଦ୍ର ରାଉତ,ଇଶ୍ୱରପୁର ସରପଞ୍ଚ ସାଧନା ମଳିକ, ଡି.ଏନ୍. ପୁର ସମିତି ସଭ୍ୟା ପଦ୍ମଜା କାନୁନଗୋ , ନୀଳଗିରି ନିର୍ବାଚନ ମଣ୍ଡଳୀ ସଂଯୋଜକ କରୁଣାକର ପଣ୍ଡା, ନିର୍ବାଚନ ମଣ୍ଡଳୀ ପ୍ରଭାରୀ କମଳ ଲୋଚନ ମହାନ୍ତି, ସବ୍ୟସାଚୀ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ସହଯୋଗ କରିଥିବା ଦେଖାଯାଇଛି।

## ବିଜେପି ପକ୍ଷରୁ ବାଣୀ କଲ୍ୟାଣଙ୍କ ନିର୍ବାଚନ ପ୍ରଚାର



ବାସୁଦେବପୁର, ୨୩/୫ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀର ରାଜଘର ପୋଖରୀ ପଞ୍ଚାୟତରେ ଆଜି ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାୟକ ପ୍ରାର୍ଥୀ ବାଣୀ କଲ୍ୟାଣ ମହାନ୍ତିଙ୍କ ନିର୍ବାଚନ ପ୍ରଚାର ସର ଗରମ ହୋଇଛି । ଏହି ଅବସରରେ ରାଜ ଘର ପୋଖରୀ ପଞ୍ଚାୟତରେ ବିଜେପି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ ବାଣୀ କଲ୍ୟାଣ ମହାନ୍ତି । ଏହି ଅବସରରେ ଏହି ପଞ୍ଚାୟତରେ ବହୁ ସଂଖ୍ୟାରେ ଯୁବ କର୍ମୀ ଓ ସମର୍ଥକ ବାଇକ୍ ରାଲିରେ ଯୋଗ ଦେଇଥିଲେ । ଭାରତ ବର୍ଷର ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ଯୋଜନା ସମ୍ପର୍କରେ ଭୋଟର ଭାଇ ଭଉଣୀ ମାନଙ୍କୁ ବୁଝାଇଥିଲେ ବିଧାୟକ ପ୍ରାର୍ଥୀ ଶ୍ରୀ ମହାନ୍ତି । ରାଜଘର ପୋଖରୀ ସରପଞ୍ଚ ଅରୁଣ ମହାନ୍ତି, ବସନ୍ତ ଭାଇ, ପରେଶ୍ ଭାଇ ଓ ବହୁ ଯୁବ ନେତା ଓ କର୍ମୀ ଏହି ନିର୍ବାଚନ ପ୍ରଚାର ରେ ଯୋଗ ଦେଇଥିଲେ । ସମସ୍ତ ଭୋଟର ଭାଇ ଭଉଣୀ ମାନଙ୍କୁ ପଦ୍ମ ଫୁଲ ଚିହ୍ନରେ ଭୋଟ ଦେବା ପାଇଁ ବାଣୀ କଲ୍ୟାଣ ମହାନ୍ତି ସମସ୍ତଙ୍କୁ ଅନୁରୋଧ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo